ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୧ ମାର୍ଚ୍ଚ, ୨୦୨୩



## ସଂକ୍ଷେପରେ

### ଓଡ଼ିଆରେ ନାମଫଳକ ଲେଖିବାକୁ ସଚେତନତା




ଗୁଣପୁର,୩୦।୩(ଡି.ଏନ୍.ଏ)- ରାୟଗଡା ଜିଲା ଗୁଣପୁର ସହରରେ ଗୁରୁବାର ପ୍ରଶାସନ ପକ୍ଷରୁ ଓଡିଆ ଭାଷାରେ ଲେଖିବାକୁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଓଡିଆ ଭାଷାର ପ୍ରଚାର,ପ୍ରସାର ସହ ସୁରକ୍ଷାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଉପଜିଲାପାଳ ଲଳିତ କହଁର,ତହସିଲଦାର ଶରତ ଚନ୍ଦ୍ରନ ନାୟକ, ପୌର ପରିଷଦର ଉପାଧ୍ୟକ୍ଷ ଶିବ ଗୌଡ, ପୋଲିସ ଏସ୍ଆଇ ଅଶୋକ ପାଢୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଏବଂ ସହରର ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସହରର ବିଭିନ୍ନ ଦୋକାନ ବଜାର ସହ ବିଭିନ୍ନ ଅନୁଷ୍ଠାନ ବୁଲି ଓଡିଆରେ ନାମ ଫଳକ ଲେଖିବା ପାଇଁ ସଚେତନ କରାଇଥିଲେ। ଯଦି ଓଡିଆରେ ନାମ ଫଳକ ନ ଲେଖନ୍ତି ତେବେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯଯାଇଛି।

### ଅବସରକାଳୀନ ସମ୍ବର୍ଦ୍ଧନା



ଡାବୁଗାଁ, ୩୦।୩ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ପଞ୍ଚାୟତ ଅଧୀନ ଉମୁରହାଣ୍ଡି ସରକାରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ପୂର୍ବତନ ପ୍ରଧାନଶିକ୍ଷକ ବିଜୟାନନ୍ଦ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଏବିଇଓ ଭଗବାନ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନଶିକ୍ଷକ ବିଜୟାନନ୍ଦ ପ୍ରଧାନଙ୍କୁ ଉତ୍ତୋରୀୟ ଓ ପୁଷ୍ପଗୁଚ୍ଛ ସହ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତସଭାରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ ଦଣ୍ଡସେନା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ମାଝି, ଶିକ୍ଷୟିତ୍ରୀ ଶୁଭସ୍ମିତା ପାଢୀ, ସଙ୍ଗୀତା ବିଶ୍ୱାଳ, ଶୁଭସ୍ମିତା ସାହୁ, ରଶ୍ମିତା ମାଝି, ଶିକ୍ଷକ ଶିବରାମ ବେହେରା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସିଜିମାଳି, କୁଟ୍ରୁମାଳିରେ ଖଣି ଲିଜ୍ ବାତିଲ ଦାବି

ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.),୩୦।୩



ଖଣି ଲିଜ୍ ବାତିଲ ନେଇ ବୈଠକ କରାଯାଉଛି।

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସାରମବାଇ ଗ୍ରାମରେ ଏକ ବୈଠକ କରାଯାଇଛି। ସିଜିମାଳି ଓ କୁଟ୍ରୁମାଳି ପାହାଡ଼ରେ ଗଚ୍ଛିତ ଥିବା ବକ୍ସାଇଟ ଖନନ ପାଇଁ ଦିଆଯାଇଥିବା ଲିଜ୍‌କୁ ଗ୍ରାମବାସୀ ବିରୋଧ କରିଛନ୍ତି। ପ୍ରାୟ ୩୦ ଖଣ୍ଡ ଗ୍ରାମବାସୀ ଏକତ୍ରିତ ହୋଇ ଖଣି ଲିଜ୍‌କୁ ବିରୋଧ କରିଥିଲେ। ସରକାର ବେଆଇନ ଭାବେ ଖଣି ଲିଜ୍ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିବା ସହିତ ଏହା ବିରୋଧରେ ଲଢ଼େଇ କରିବା ପାଇଁ ସମସ୍ତେ ଶପଥ ନେଇଥିଲେ।

ରାଜସ୍ୱ ବୃଦ୍ଧି ନାମରେ ଖଣିଜ ସମ୍ପଦ ଆଇନକୁଅମାନ୍ୟକରିନିଲାମ କରାଯାଉଛି। ଏହାଦ୍ୱାରା ଖଣି ଅଞ୍ଚଳରେ ରହୁଥିବା ଲୋକେ ସର୍ବାଧିକ ପ୍ରଭାବିତ ହେଉଛନ୍ତି। ପର୍ବତମାଳାରେ ଯୁଗ ଯୁଗରୁ ରହୁଥିବା ଅଧିବାସୀଙ୍କୁ ବିତାଡ଼ିତ କରାଯାଉଛି। ଫଳରେ ସେମାନେ ଜୀବନ ଜୀବିକା ହରାଉଛନ୍ତି। ଗ୍ରାମସଭା କରା ନ ଯାଇ ଖଣି ଲିଜ୍ ଦିଆଯାଇଛି ଓ ଏହା ଜଙ୍ଗଲ ଅଧିକାର ଆଇନକୁ ଉଲ୍ଲଂଘନ କରୁଛି। ବେଆଇନ ଭାବରେ ଖଣି ଲିଜ୍ ଦେବା ଦ୍ୱାରା ଆଉ ହାତଗଣତି କିଛିବର୍ଷ ପରେ ସରକାରଙ୍କ ଟ୍ରେଜେରି ସମ୍ବଳ ଶୂନ୍ୟ ହୋଇଯିବ। ଖଣି ମାତ୍ର ୩୦ ବର୍ଷ ମଧ୍ୟରେ ଶେଷ ହୋଇଯିବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖଣି ନେଉଥିବା କମ୍ପାନୀଗୁଡ଼ିକ କାହିଁକି ଶିଳ୍ପ ପ୍ରତିଷ୍ଠା କରୁନାହାନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏହାପରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ବୈଠକରେ ଲୋକ ଶକ୍ତି ଅଭିଯାନ ସଭାପତି ପ୍ରଫୁଲ୍ଲ ସାମନ୍ତରା, କିଷାନ ମଜଦୁର ସଭା ରାଜ୍ୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ନିୟମଗିରି ସୁରକ୍ଷା ସମିତି ଉପଦେଷ୍ଟା ଲିଙ୍ଗରାଜ ଆଜାଦ, ମାଲକାନଗିରି ଜିଲା ଆଦିବାସୀ ସଂଘ ଉପଦେଷ୍ଟା ବିଜୟ ଉପାଧ୍ୟାୟ, ଖଣି ସୁରକ୍ଷା ମଞ୍ଚ ଆବାହକ ଧାନଫୁଲ ମାଝି, ସିନ୍ଦୂରଘାଟି ସରପଞ୍ଚ ଚନ୍ଦ୍ରିକା ମାଝି, ତଳଝିରି ସରପଞ୍ଚ ସୀତାରାମ ମାଝି ପ୍ରମୁଖ ସାମିଲ ଥିଲେ। ରାଜ୍ୟ ସରକାରଙ୍କ ନୀତି ଯୋଗୁ ଭବିଷ୍ୟତ ଅନ୍ଧକାରମୟ ହେଉଛି । ସିଜିମାଳି ଓ କୁଟ୍ରୁମାଳି ଖଣି ଖନନ ହେଲେ ୩୦ରୁ ଅଧିକ ଝରଣା ଉଭାନ ହେବା ସହିତ ନାଗାବଳୀ ଓ ଝଞ୍ଜାବତୀ ଭଳି ଚିରସ୍ରୋତା ନଦୀ ମଧ୍ୟ ଶୁଖିଯିବ ବୋଲି ଏକ ଖବରଦାତା ସମ୍ମିଳନୀରେ ଲୋକ ଶକ୍ତି ଅଭିଯାନ ସଭାପତି ପ୍ରଫୁଲ୍ଲ ସାମନ୍ତରା କହିଛନ୍ତି। ତେଣୁ ସରକାର ଏହାର ପୁନର୍ବିଚାର କରନ୍ତୁ ବୋଲି ସେ ଦାବି କରିଛନ୍ତି। କାଶୀପୁର ଅଞ୍ଚଳରେ ପୁଣି ଏକ ଖଣି ବନ୍ଦ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସେ କହିଥିଲେ।

# ଦେଶ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କୋଡ଼ିଙ୍ଗା,୩୦।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଅଧୀନ କର୍ଚ୍ଚାମାଳ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏଥିରେ ବିଧାୟକ ସଦାଶିବ ପ୍ରଧାନୀ, କୋଷାଗୁମୁଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ଜିଲା ପରିଷଦ ସଭ୍ୟ କ୍ଷୀରୋଦ ନାୟକ, ସ୍ଥାନୀୟ ସରପଞ୍ଚ ଉମାଦେବୀ ନାୟକ, ସମିତିସଭ୍ୟ ଉମା ପରଜା, ଅଭିଭାବକ କମିଟି ସଭାପତି ପରଶୁ ନାୟକ, ଡିଡବ୍ଲୁଓ ପାଲକା ରବୀନ୍ଦ୍ର, ଡିଆଇ ଲଳିତ ମୋହନ ସିଂ, ସିଆଇ କମଳକାନ୍ତ ପ୍ରହରାଜ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଦେଶ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେମାନେ କହିଥିଲେ । ଅଧ୍ୟାପକ ଉମାକାନ୍ତ ବେଣୁପାଣି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧକ୍ଷା ସୁଚେତା ବ୍ରହ୍ମାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ। ଅଧକ୍ଷ ସନ୍ତୋଷ କୁମାର ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।

# ମେଦନା ଗ୍ରାମରେ ନୂତନ ଲ୍ୟାମ୍ପ ସ୍ଥାପନ ନେଇ କମିଟି ଗଠନ


ବୈଠକରେ ଉପସ୍ଥିତ ଗ୍ରାମବାସୀମାନେ।

ଡାବୁଗାଁ, ୩୦।୩ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ମେଦନା ପଞ୍ଚାୟତରେ ଚାଷୀମାନଙ୍କ ନିମନ୍ତେ ନୂତନ ଲ୍ୟାମ୍ପ ସ୍ଥାପନ କରାଯିବ। ଏ ନେଇ ଗୁରୁବାର ମେଦନା ଗ୍ରାମରେ ଏକ ଜରୁରୀ ବୈଠକ କରାଯାଇ ଲ୍ୟାମ୍ପ୍ସ କମିଟି ଗଠନ ହୋଇଛି। ଉକ୍ତ କମିଟିରେ ମୋଟ ୧୫ ଜଣଙ୍କୁ ସଭ୍ୟ ଭାବରେ ଚୟନ କରାଯାଇଛି। ଲ୍ୟାମ୍ପ କମିଟି ସଭ୍ୟ ଭାବେ ଭାଗିରଥି ନାୟକ, ଦାମୁ ଭତରା, ସରୋଜିନୀ ମାଝି, ପଦ୍ମିନୀ ଭତରା, ଯୁଧେଷ୍ଠି ମାଝି, ଶଶୀଧର ମାଝି, ଶଙ୍କର ଭତରା, ଜେମା ଭତରା, କୃଷ୍ଣଚନ୍ଦ୍ର ମାଝି, ସୁଶାନ୍ତ ମାଝି, ମହେନ୍ଦ୍ର ମେହେର, ଶିବପ୍ରସାଦ ମିଶ୍ର, ଲଖି ଦାସ, ଭଗବାନ ଗୌଡ଼ ଏବଂ ଗଙ୍ଗାଧର କଳାର। ମେଦନା ପଞ୍ଚାୟତ ପରିସରରେ ଲ୍ୟାମ୍ପ ହେଲେ ଉଭୟ ଅଞ୍ଚଳା ପଞ୍ଚାୟତ ଓ ମେଦନା ପଞ୍ଚାୟତର ପାଖାପାଖି ୮୦୦ ରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହେବେ। ଆଖପାଖରେ ଲ୍ୟାମ୍ପସ ବ୍ୟବସ୍ଥା ନ ଥିବାରୁ ଉଭୟ ପଞ୍ଚାୟତର ଚାଷୀମାନେ ଗାଁ ଠାରୁ ୧୫ କିଲୋମିଟର ଦୁର ଡାବୁଗାଁ ଲ୍ୟାମ୍ପ୍ସ ଉପରେ ନିର୍ଭର କରୁଥିଲେ। ଯିବା ଆସିବା ଦୂର ହେଉଥିବାବେଳେ ସାର, ବିହନ, କୀଟନାଶକ ଓ ଅନ୍ୟ ଚାଷ ଉପଯୋଗୀ ଦ୍ରବ୍ୟ ଆଣିବାରେ ଅସୁବିଧା ହେଉଥିଲା। ଏବେ ମେଦନା ଗ୍ରାମରେ ଲ୍ୟାମ୍ପ ହେଲା ପରେ ଚାଷୀମାନେ କମ ପରିଶ୍ରମରେ ଏବଂ ସୁଲଭ ମୂଲ୍ୟରେ ଚାଷ ଉପଯୋଗୀ ଦ୍ରବ୍ୟ ସବୁ ପାଇ ପାରିବେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି। ବୈଠକ ରେ ମେଦନା ସରପଞ୍ଚ ସୁମିତ୍ରା ମାଝି, ନାଏବ ସରପଞ୍ଚ ଡମ୍ବରୁ ଭତରା, ଅଞ୍ଚଳା ସରପଞ୍ଚ ରମେଶ ମାଝି ଏବଂ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବଂଶୀଧର ମାଝି, ପୁର୍ବତନ ସରପଞ୍ଚ ହିରଣ୍ୟ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଦଳଗତ ସଙ୍ଗୀତରେ ବସନ୍ତ ଦେବୀ ବିଦ୍ୟାପୀଠ ପ୍ରଥମ

### ରାଜ୍ୟସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ଶିବିର

ପଦ୍ମପୁର, ୩୦।୩(ଡି.ଏନ୍.ଏ.)



କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ରାଜ୍ୟସ୍ତରୀୟ ଜୁନିଅର ରେଡ୍‌କ୍ରସ୍ ଶିବିରରେ ହୋଇଥିବା ସଙ୍ଗୀତ ପ୍ରତିଯୋଗିତାରେ ରାୟଗଡ଼ା ଜିଲା ଗୁଡ଼ିଆବନ୍ଧର ବସନ୍ତ ଦେବୀ ବିଦ୍ୟାପୀଠ ଛାତ୍ରୀମାନେ ପ୍ରଥମ ହୋଇଛନ୍ତି। ଏହାପରେ ଛାତ୍ରୀମାନଙ୍କୁ ଜିଲାରୁ ସମସ୍ତେ ଶୁଭେଚ୍ଛା ଜଣାଉଛନ୍ତି।

ରାୟଗଡ଼ା ଜିଲାସ୍ତରୀୟ ଜୁନିଅର ରେଡ୍‌କ୍ରସ ଶିବିରରେ ପ୍ରଥମ ସ୍ଥାନ ହାସଲ କରି ବସନ୍ତ ଦେବୀ ବିଦ୍ୟାପୀଠ ଛତ୍ରୀମାନେ ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ସେମାନେ ଭାଗ ନେଇଥିଲେ। ସେଠାରେ ୨୫ ଜିଲାରୁ ୨୫୦ଜଣ ଛାତ୍ରୀଛାତ୍ର ଓ ୨୫ଜଣ କାଉନସିଲର ସାଥୀ ଭାଗ ନେଇଥିଲେ। ବସନ୍ତ ଦେବୀ ବିଦ୍ୟାପୀଠରୁ ମନୋଜ କୁମାର ଜେନା କାଉନସିଲରଭାବେ ଉପସ୍ଥିତ ଥିଲେ। ସେଠାରେ ଆୟୋଜିତ ଦଳଗତ ସଙ୍ଗୀତ ପ୍ରତିଯୋଗିତାରେ ବସନ୍ତ ଦେବୀ ବିଦ୍ୟାପୀଠ ଛତ୍ରୀମାନେ ପ୍ରଥମ ହୋଇଛନ୍ତି। ସେମାନେ ଗାଇଥିବା ଗୀତଟିକୁ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଶତପଥୀ ରଚନା କରିଥିବା ବେଳେ ଶିକ୍ଷକ ତଥା ବିଶିଷ୍ଟ ଗାୟକ ମନୋଜ ଜେନା ତାହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ।

# ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ତେନ୍ତୁଲିଖୁଣ୍ଟି,୩୦।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏବିଇଓ ରମେଶ ଟାକ୍ରୀ, ସମ୍ମାନିତ ଅତିଥିଭାବେ ସିଆରସିସି ପ୍ରମୋଦା ସାମଲ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଚପଳା ଦେଈ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋପନ ନାୟକ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ରୀତା ବେହେରା, ମମତା ପାଣିଗ୍ରାହୀ, ଅର୍ଚ୍ଚନା ପଟ୍ଟନାୟକ, ଶିକ୍ଷକ ହରେକୃଷ୍ଣ ଭତ୍ରା, ହିରଣ୍ୟ ବିଷୋଇ ପ୍ରମୁଖ ସହଯୋଗ କରିଥିଲେ।

# ଡ୍ରପ୍ ଆଉଟ୍ ପିଲାଙ୍କୁ ସ୍କୁଲ ଫେରାଇ ଆଣିବାକୁ ତାଲିମ

ପଦ୍ମପୁର, ୩୦।୩(ଡି.ଏନ୍.ଏ.)


ବୈଠକରେ ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଅନ୍ୟମାନେ।

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଖମାପଦର ପଞ୍ଚାୟତ ଅଧୀନ ବିରିପଦର ଉନ୍ନୀତ ଉଚ୍ଚବିଦ୍ୟାଳୟରେ ସ୍କୁଲ ପରିଚାଳନା କମିଟିର ଏକ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି ଶିବିରକୁ ସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବାହିନୀପତି ପରିଚାଳନା କରିଥିଲେ। ଏଥିରେ ରାଜ୍ୟ ଗଣଶିକ୍ଷା ବିଭାଗ ଅଧୀନ ସ୍କୁଲ ପରିଚାଳନାର ଉନ୍ନତିମୂଳକ କାର୍ଯ୍ୟ, ଡ୍ରପ୍‌ଆଉଟ୍ ପିଲା (ଯେଉଁ ପିଲାମାନେ ସ୍କୁଲ ଯାଉନାହାନ୍ତି କିମ୍ବା ଅଧାରୁ ପାଠ ଛାଡ଼ିଛନ୍ତି) ସେମାନଙ୍କୁ ସ୍କୁଲକୁ ଫେରାଇ ଆଣିବା ଭଳି ବିଭିନ୍ନ ଶିକ୍ଷା ସମ୍ବନ୍ଧୀୟ ତାଲିମ ଦିଆଯାଇଛି। ଏଥିରେ ସହକାରୀ ଶିକ୍ଷକ ଏମ୍. ଗୋପାଳ କୃଷ୍ଣ, ଟି. ସନ୍ତୋଷ,ଶିବପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି କୁନି ଜେନା, ନାଏବ ସରପଞ୍ଚ ସରୋଜ ଲିମା, ଶୁକୁ ଶବର, ବିନୋଦ ଲିମା, ସତମୟୀ ଶର, କୁନିମା ଜେନା, କବିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ନବରଙ୍ଗପୁରକୁ ୫ ସ୍ୱର୍ଣ୍ଣ ସହ ୧୩ ପଦକ

### ଜୁନିୟର ପେନ୍‌ଚାକ୍ ସିଲାଟ ପ୍ରତିଯୋଗିତା

ନବରଙ୍ଗପୁର,୩୦।୩(ବି.ପ୍ର.)


ଜିଲାପାଳଙ୍କ ସହ ପଦକ ଜିତିଥିବା ଖେଳାଳିମାନେ।

ଗୋଆର ମଡ଼ଗାଁଓ ସ୍ଥିତ ମନୋହର ପରିକ ଷ୍ଟାଡିୟମରେ ହୋଇଥିବା ଷଷ୍ଠ ପେନ୍‌ଚାକ୍ ସିଲାଟ ଫେଡେରେଶନ କପ୍ ଏବଂ ମହାରାଷ୍ଟ୍ରର ନାନ୍ଦେଡ଼ରେ ଅନୁଷ୍ଠିତ ଦଶମ ଜାତୀୟ ଜୁନିୟର ପେନ୍‌ଚାକ୍ ସିଲାଟ ପ୍ରତିଯୋଗିତାରେ ନବରଙ୍ଗପୁରର ଖେଳାଳିମାନେ ସଫଳତା ପାଇଛନ୍ତି। ଏହି ପ୍ରତିଯୋଗିତାରେ ଜିଲାର ଖେଳାଳିମାନେ ଭାଗନେଇ ୫ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ତିନୋଟି କାଂସ ପଦକ ହାସଲ କରିଛନ୍ତି। ଖେଳାଳିମାନେ ନବରଙ୍ଗପୁରକୁ ଫେରିବା ପରେ ଜିଲାପାଳ ଡ. କମଳଲୋଚନ ମିଶ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଖେଳାଳିଙ୍କ ଏହି ସଫଳତା ନେଇ ଜିଲାପାଳ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ପ୍ରତିଯୋଗିତାରେ ଭଲ ଖେଳ ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଏ. ସୁରେଶ, ଜିଲା କ୍ରୀଡ଼ା ସଂଘ ସହ ସମ୍ପାଦକ ମନୋଜ ପଟ୍ଟନାୟକ, ପେନ୍‌ଚାକ୍ ସିଲାଟ ସଂଘ ସଭାପତି ଦୀପକ ସାହୁ, ସମ୍ପାଦକ ହରିଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଖବର ପ୍ରସାରିତ ହେବା ପରେ ଜିଲାର କ୍ରୀଡ଼ାବିତ୍‌ମାନେ ଖୁସି ବ୍ୟକ୍ତ କରିଛନ୍ତି। ସୂଚନାନୁଯାୟୀ, ଗୋଆରେ ଆୟୋଜିତ ଖେଳ ପ୍ରତିଯୋଗିତାକୁ ମୁଖ୍ୟମନ୍ତ୍ରୀ ଡ. ପ୍ରମୋଦ ସାୱନ୍ତ ଉଦ୍‌ଘାଟନକରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ରାମମୟ ପୁରପଲ୍ଲୀ



ରାୟଗଡ଼ା ଜିଲା ଟିକିରି ଓ ବିଷମକଟକରେ ପିଲାମାନେ ରାମ, ଲକ୍ଷ୍ମଣ, ସୀତା ବେଶରେ ସଜ୍ଜିତ ହୋଇ ଯାଉଛନ୍ତି।


ନବରଙ୍ଗପୁର ଜିଲା କୋଡ଼ିଙ୍ଗାରେ ବାହାରିଥିବା ଶୋଭାଯାତ୍ରାରେ ଯୁବଗୋଷ୍ଠୀଙ୍କ ସହ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ।


ଉମରକୋଟରେ ଯୁବକମାନେ ଶୋଭାଯାତ୍ରାରେ ନାଚୁଛନ୍ତି ।




କୋରାପୁଟ, ମାଲକାନଗିରି ଓ ରାୟଗଡ଼ା ଜିଲା ଗୁଣପୁରରେ ବାହାରିଥିବା ବାଇକ୍ ଶୋଭାଯାତ୍ରା ।

# ଶୋଭାଯାତ୍ରାରେ କମ୍ପିଲା କୋରାପୁଟ, ମାଲକାନଗିରି ସହର

- ରାମନବମୀ ଅବସରରେ ବାହାରିଥିଲା ଶୋଭାଯାତ୍ରା
- ଜୟ ଶ୍ରୀରାମ ଧ୍ୱନିରେ ସହର ହେଲା ମୁଖରିତ
- ବାଇକ୍ ରାଲି, ପଦଯାତ୍ରାରେ ବୁଲିଲେ ଶ୍ରଦ୍ଧାଳୁ

କୋରାପୁଟ/ଜୟପୁର//ପଟ୍ଟାଙ୍ଗି/ଦଶମନ୍ତପୁର/ ମାଲକାନଗିରି/ପଡ଼ିଆ/କାଲିମେଳା/ଚିତ୍ରକୋଣ୍ଡା/କୋରୁକୋଣ୍ଡା ୩୦।୩(ସ୍ୱ.ପ୍ର./ନି.ପ୍ର./ଡି.ଏନ୍.ଏ.)


ମାଲକାନଗିରି ଜିଲାକାଲିମେଳାରେ କୁନିକୁନି ପିଲାମାନେ ରାମ ବେଶରେ ସଜ୍ଜିତ ହୋଇଛନ୍ତି ।


ରାମନବମୀ ଅବସରରେ ବାଲିମେଳାରେ ବାହାରିଥିବା ଶୋଭାଯାତ୍ରା ।

କୋରାପୁଟ ଓ ମାଲକାନଗିରି ଜିଲାରେ ଗୁରୁବାର ପବିତ୍ର ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଛି । ଏହି ଅବସରରେ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଏକ ଶୋଭାଯାତ୍ରା ଉଭୟ ସହର ପରିକ୍ରମା କରିଛି। ଜୟ ଶ୍ରୀରାମ ଧ୍ୱନିରେ ସହର ପ୍ରକମ୍ପିତ ହୋଇଉଠିଛି। ପୂର୍ବାହ୍ନ ୧୧ଟାରେ କୋରାପୁଟ ସହରର ଅଶୋକନଗରସ୍ଥିତ ହନୁମାନ ବାଟିକାରୁ ବାହାରିଥିବା ଶୋଭାଯାତ୍ରାରେ ଏକ ରଥରେ ଶ୍ରୀରାମଙ୍କ ଭବ୍ୟ ଫଟୋକୁ ରଖାଯାଇ ସହର ପରିକ୍ରମା କରାଯାଇଥିଲା। ଅନ୍ୟ କେତେକ ଗାଡ଼ିରେ ରାମ,ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ ଲୋକେ ବସିଥିବା ଦେଖିବାକୁ ମିଳିଥିଲା। ଉଭୟ ମହିଳା ଓ ପୁରୁଷ ପୃଥକ୍ ପୃଥକ୍ ଭାବେ ବାଇକ ଓ ସ୍କୁଟିରେ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରା ସମୟରେ ସହରର ପ୍ରତ୍ୟେକ ପରିବାର ରଥ ସମ୍ମୁଖରେ ଦୀପ ଲଗାଇ ରଥକୁ ସ୍ୱାଗତ କରୁଥିଲେ। ଜିଲାର ବିଭିନ୍ନ ସ୍ଥାନରୁ ୫ଶହରୁ ଉର୍ଦ୍ଧ୍ୱ କୀର୍ତ୍ତନ ମଣ୍ଡଳୀ ମଧ୍ୟ ସାମିଲ ହୋଇଥିଲେ। ସହର ପରିକ୍ରମା କରି ଶୋଭାଯାତ୍ରା ଅପରାହ୍ନରେ ପୂଜାରିପୁଟ ରାମମନ୍ଦିରଠାରେ ଶେଷ ହୋଇଥିବା ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ସେହିପରି ରାମନବମୀ ଉପଲକ୍ଷେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପୂଜାରିପୁଟ କଲ୍ୟାଣ ମଣ୍ଡପଠାରେ ଗୀତାଯଜ୍ଞ ହୋଇଥିବା କମିଟି ସଭାପତି ରାମପ୍ରସାଦ ସାହୁ, ସମ୍ପାଦକ ସନ୍ତୋଷ ଜେନା କହିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨ ପ୍ଲାଟୁନ ପୋଲିସ ମୁତୟନ ହୋଇଥିଲେ।

ଜୟପୁର ଅରବିନ୍ଦନଗର ସରସ୍ୱତୀ ଶିଶୁମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶୁକଦେବ ସାହୁ ମୁଖ୍ୟବକ୍ତା ରୂପେ ଯୋଗଦେଇ ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କ ଜୀବନୀ, ସ୍ୱରାଜ୍ୟ ପ୍ରୀତି ଓ ରାଷ୍ଟ୍ର ଗଠନରେ ରାଜାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଅମିତା ମହାପାତ୍ର, ପି. ସୁଶୀଳା, ସୁମିତା ପାଢ଼ୀ, ଗୌରୀ ପଣ୍ଡା, ଅନୁପମା ମହାପାତ୍ର, ମୋନାଲିସା ଜେନା ପରିଚାଳନା କରିଥିଲେ। ଗୁରୁମା ଗୁରୁଜୀମାନେ ସହଯୋଗ କରିଥିଲେ।

ପବିତ୍ର ଶ୍ରୀରାମ ନବମୀ ପଟ୍ଟାଙ୍ଗି ବ୍ଲକରେ ଆନନ୍ଦଉଲ୍ଲାସର ସହ ପାଳିତ ହୋଇଛି। ହନୁମାନ ମନ୍ଦିରଠାରୁ ଏକ ବାଇକ ରାଲି ବାହାରି ବାହାରିରେଙ୍ଗା ,ପୁକାଲି ଓ ରାଲେଗଡ଼ା ଅଞ୍ଚଳ ପରିକ୍ରମା କରିଥିଲା। ପଟ୍ଟାଙ୍ଗି ଗେଟସାହିସ୍ଥିତ ତ୍ରିନାଥ ମନ୍ଦିରରେ ଚତୁର୍ଥ ପ୍ରହର ନାମଯଜ୍ଞ ହୋଇଥିଲା। ଭୋରରୁ ସ୍ଥାନୀୟ ମହିଳା ଓ ଯୁବତୀମାନେ ଗଣେଶ ମନ୍ଦିରଠାରୁ କଳସ ଯାତ୍ରାରେ ପାଣି ଆଣି ଥିଲେ ବୋଲି ତ୍ରିନାଥ ମନ୍ଦିର କମିଟି ପକ୍ଷରୁ କୁହାଯାଇଛି।

ଭଗବାନ ଶ୍ରୀରାମଙ୍କ ଜନ୍ମଦିନ ରାମନବମୀ ଅବସରରେ ମାଲକାନଗିରି ସହର ଚଳଚଞ୍ଚଳ ହୋଇଉଠିଛି। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ପୂର୍ବାହ୍ନ ୧୦ଟାରେ ଭୈରବ ମନ୍ଦିରଠାରୁ ଶ୍ରୀରାମଙ୍କ ଏକ ଫଟୋ ସୁସଜ୍ଜିତ ରଥରେ ଲଗାଇ ଡିଏନ୍‌କେସ୍ଥିତ ରାମ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ପରେ ଅପରାହ୍ନରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ପଦଯାତ୍ରା କରି ରାମମନ୍ଦିରଠାରେ ଏକାଠି ହୋଇଥିଲେ। ସନ୍ଧ୍ୟାରେ ରାମମନ୍ଦିର ପରିସରରେ ସଂକୀର୍ତ୍ତନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

ଦଶମନ୍ତପୁର ବ୍ଲକ ସଦର ମହକୁମାରେ ପ୍ରଥମ କରି ରାମ ନବମୀ ଉତ୍ସବ ଗୁରୁବାର ପାଳିତ ହୋଇଛି। ଏହି ଉତ୍ସବ ସ୍ଥାନୀୟ ରାମ ନବମୀ ପାଳନ କମିଟି ସଭାପତି ନାରାୟଣ ବିଷୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ପ୍ରଥମେ ଶ୍ରଦ୍ଧାଳୁମାନେ ପତାକା ଓ ପୋଷ୍ଟର ସହ ଶ୍ରୀରାମଙ୍କ ଗୁଣଗାନ ହନୁମାନ ଚାଳିଶା ପାଠ କରି ବିଶାଳ ବାଇକ୍ ଶୋଭାଯାତ୍ରାରେ ରାଧାକୃଷ୍ଣ ମନ୍ଦିର ପୀଠରୁ ବାହାରି ସହର ପରିକ୍ରମା କରିଥିଲେ। ପରେ ସ୍ଥାନୀୟ ତ୍ରିନାଥ ମନ୍ଦିରରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ କାହ୍ନୁ ଚରଣ ପରିଡ଼ା, ରମେଶ ନାୟକ, ଧନୁ ବିଷୋଇ, ଆନନ୍ଦ ନାୟକ, ସୁରେଶ ସୁବୁଦ୍ଧି, କୃପାସିନ୍ଧୁ ବାଣୁଆ, ଗୁଟୁ ଖାଡ଼େଙ୍ଗା, ଭୁବନ ବିଷୋଇ, ବିଶ୍ୱନାଥ ବିଷୋଇଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

ପଡ଼ିଆରେ ରାମନବମୀ ପାଳିତ ହୋଇଯାଇଛି । ପଡ଼ିଆ ମଣ୍ଡଳ ପକ୍ଷରୁ ରାମମନ୍ଦିର ଛକରୁ ଏକ ବାଇକ ଶୋଭାଯାତ୍ରା ସହର ପରିକ୍ରମାକରି ସୀମାନ୍ତ ଛତିଶଗଡ଼ର ସୁକ୍ମା ଜିଲାର ଦର୍ପାପାଲ ଦେଇ ପଡ଼ିଆର ବାପନପାଲି ଏବଂ ଏମ୍‌ପିଭି-୫୮ ଗ୍ରାମ ପରିକ୍ରମା କରିଥିଲା। ଏହାକୁ ରାମଚନ୍ଦ୍ର ମାଝି ଏବଂ କୋଟମ ବାଲାୟ ପରିଚାଳନା କରିଥିଲେ।

କାଲିମେଳା ବ୍ଲକ ସଦର ମହକୁମାସ୍ଥିତ ଶ୍ରୀରାମ ମନ୍ଦିରରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଏହି ଅବସରରେ ପୂଜାପାଠ ଓ ହୋମଯଜ୍ଞ ସହ ରାମଚରିତ ମାନସ ପାଠ କରାଯାଇଥିଲା। ସ୍ଥାନୀୟ ଯୁବକ ସଂଘ କର୍ମକର୍ତ୍ତା ବାଇକ ଶୋଭାଯାତ୍ରା କରି ନଗର ପରିକ୍ରମା କରିଥିଲେ। ଏମ୍‌ଭି-୭୨ ଏବଂ ଏମ୍‌ଭି ୭୯ ଅଞ୍ଚଳରେ ମଧ୍ୟ ସ୍ୱୟଂ ସେବକ ସଂଘର କର୍ମକର୍ତ୍ତାମାନେ ବାଇକ୍ ରାଲି ଓ ପଦଯାତ୍ରା କରିଥିଲେ । କାଲିମେଳାସ୍ଥିତ ଭାରତୀୟ ବିଦ୍ୟାନିକେତନ ଗୁରୁକୁଳ ବିଦ୍ୟାଳୟରେ ମଧ୍ୟ ରାମନବମୀ ପାଳିତ ହୋଇଯାଇଛି । କୁନି କୁନି ପିଲା ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ କାଲିମେଳା ବଜାର ପରିକ୍ରମା କରିଥିଲେ।

ଚିତ୍ରକୋଣ୍ଡାରେ ରାମନବମୀ ଅବସରରେ ମିନି ଷ୍ଟାଡିୟମଠାରୁ ଏକ ବାଇକ୍ ଶୋଭାଯାତ୍ରା ହୋଇଯାଇଛି। ରାମଭକ୍ତଙ୍କ ଜୟ ଶ୍ରୀରାମ ଧ୍ୱନିରେ ସହର ମୁଖରିତ ହୋଇ ଉଠିଥିଲା। ହନୁମାନ ମନ୍ଦିର, ଦିବ୍ୟଜୀବନ ସଂଘ, ସାରସ୍ୱତ ନୀଳାଞ୍ଚଳ ସଂଘ ଏବଂ ବିଭିନ୍ନ ମନ୍ଦିର ଓ ଆଶ୍ରମ ଶ୍ରୀରାମ ନବମୀ ପାଳିତ ହୋଇଥିଲା।

ବାଲିମେଳାରେ ରାମ ନବମୀ ପାଳିତ ହୋଇଛି। ୨ନଂ. ୱାର୍ଡସ୍ଥିତ ହନୁମାନ ମନ୍ଦିର ଠାରୁ ଏକ ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଯୁବକ ଗୌର ଖିଲ, ଶୁଭାଶିଷ କର, ସାଗର ସାହୁ, ବୈଶାଖ ବରାଡ଼, ରାକେଶ ସିଂ, ମନୋଜ ଖିଲ, ସାରଦା ସ୍ୱାଇଁ, ମନୋଜ ପାଙ୍ଗି, ସୁଧାଂଶୁ ମହାନ୍ତି, ଅଭିଷେକ ପଟ୍ଟନାୟକ ଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

## ଗର୍ଭବତୀ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ପୋଲିସ ପହଞ୍ଚିବା ବେଳେ ଉପସ୍ଥିତ ନ ଥିଲେ ଶାଶୁଘର ଲୋକେ

ଲକ୍ଷ୍ମୀପୁର,୩୦।୩ (ସ୍ୱ.ପ୍ର.)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ସାନକେଲାର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବୁଧବାର ରାତିରେ ଜଣେ ଗର୍ଭବତୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ଉକ୍ତ ଗ୍ରାମର ଅଜୟ ଖସଲାଙ୍କ ସ୍ତ୍ରୀ ଦିବାନୀ ନାୟକ(୨୨)। ମୃତଦେହ ବ୍ୟବଚ୍ଛେଦ ପରେ କାକିରିଗୁମ୍ମା ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ୩୮/୨୩ରେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଥିବା ପୋଲିସ କହିଛି।

ଖବରରୁ ଜଣାପଡିଛି, ୨୦୨୧ ଅକ୍ଟୋବରରେ ଅଜୟ ଓ ଦିବାନୀ ପ୍ରେମ ବିବାହ କରିଥିଲେ। ବିବାହର କିଛିଦିନ ପରେ ବାପଘରୁ ଯୌତୁକ ଆଣିବା ପାଇଁ ଶାଶୁଘର ଲୋକେ ଝିଅକୁ ବାଧ୍ୟ କରୁଥିଲେ। ସ୍ୱାମୀ ଏବଂ ଶାଶୁଘର ଲୋକେ ମିଶି ତାକୁ ଶାରୀରିକ, ମାନସିକ ନିର୍ଯାତନା ଦେଉଥିଲେ। ଯୌତୁକ ନ ଆଣିବାରୁ ଝିଅକୁ ହତ୍ୟା କରାଯାଇଥିବା ଦିବାନୀଙ୍କ ବାପା ଅଭିଯୋଗ କରିଛନ୍ତି। ଝିଅ ଦିବାନୀଙ୍କ ମୃତ୍ୟୁ ଖବର ପାଇ ରାୟଗଡ଼ା ଜିଲା କାଶୀପୁର ବ୍ଲକ କୁଚେଇ ପଦର ଗ୍ରାମରେ ରହୁଥିବା ତାଙ୍କ ପରିବାର ଲୋକେ ଆସିଥିଲେ। ଆଇଆଇସି ଦାମୋଦର ବିହାରୀ,ସାଇଣ୍ଟିଫିକ୍ ଟିମ୍,ଏସଡିପିଓ ଅଶ୍ୱନୀ ନାୟକ, ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଅତିରିକ୍ତ ତହସିଲଦାର ମାଧବ ଭତ୍ରା ପହଞ୍ଚି ମୃତଦେହ ଜବତ କରିଥିଲେ।

## ସଂକ୍ଷେପରେ

### ୩ ନାବାଳକଙ୍କୁ ୭୫ ହଜାର ଜରିମାନା

କୋରାପୁଟ,୩୦।୩(ସ୍ୱ.ପ୍ର.)-କୋରାପୁଟ ଜିଲା ପରିବହନ ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଗାଡ଼ିମୋଟର ଧରପଗଡ଼ କରାଯାଇଛି। ବେଆଇନ ଭାବେ ଗାଡ଼ି ଚଳାଉଥିବା ୩ ଜଣ ନାବାଳକଙ୍କୁ ବୁଧବାର ରାତିରେ ୨୫ ହଜାର ଲେଖାଏ ମୋଟ ୭୫ ହଜାର ଟଙ୍କା ଜରିମାନା କରାଯାଇଥିବା କୋରାପୁଟ ଆଞ୍ଚଳିକ ପରିବହନ ଅଧିକାରୀ ତପନ ବେଟି କହିଛନ୍ତି। ଏହି ସମୟରେ ମଦ୍ୟପାନକରି ଗାଡ଼ି ଚଳାଉଥିବା ୩ ଜଣ ଚାଳକ, ଗାଡ଼ି ଚଳାଉଥିବାବେଳେ ମୋବାଇଲ ଫୋନରେ କଥା ହେଉଥିବା ୩ ଜଣ ବ୍ୟକ୍ତି ଏବଂ ବିନା ହେଲ୍‌ମେଟ୍‌ରେ ଗାଡ଼ି ଚଳାଇ ଧରାପଡ଼ିଥିବା ୩୭ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଟି ସୂଚନା ଦେଇଛନ୍ତି।

### ପରଜା ସାହିର ବିକାଶ ଦାବି

ଜୟପୁର,୩୦।୩ (ନି.ପ୍ର.)-ଜୟପୁର ପୌରାଞ୍ଚଳ ପାରାବେଡ଼ାରେ ଥିବା ବସ୍ତି ଅଞ୍ଚଳ ପରଜା ସାହିରେ ସମୀକ୍ଷା ବୈଠକ ହୋଇଛି। ବସ୍ତିକୁ ବିଜୁ ଆଦର୍ଶ କଲୋନି କରିବା ପାଇଁ ବାସିନ୍ଦାଙ୍କ ସହ ଆଲୋଚନା ହୋଇଥିଲା। ଏଠାରେ ରାସ୍ତା, ବିଦ୍ୟୁତ୍, ପାଇପ ଯୋଗେ ପାନୀୟ ଜଳର ବ୍ୟବସ୍ଥା, ଗୋଷ୍ଠୀ କେନ୍ଦ୍ର ସ୍ଥାପନ, ଖୋଲା ପାର୍କ, ବ୍ୟକ୍ତିଗତ ପାଇଖାନା ଆଦି ନିର୍ମାଣ ହେବ। ଏହି ସମୀକ୍ଷା ବୈଠକରେ ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷା ବି. ସୁନିତା, ପୌରକାର୍ଯ୍ୟ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସହ କାଉନସିଲର ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ।

### ୨ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ପୁରସ୍କୃତ

ଜୟପୁର,୩୦।୩(ନି.ପ୍ର.)- ଜୟପୁର ସହରାଞ୍ଚଳର ୨ସ୍ୱାସ୍ଥ୍ୟ କେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ଦିଆଯିବ ବୋଲି ଘୋଷଣା ହୋଇଛି। ଏଲ୍‌ଆର ଏବଂ ଜଗଧାତ୍ରିପୁର୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫୦ ହଜାର ଲେଖାଏ ଦିଆଯିବ। ଏକ ରାଜ୍ୟ ସ୍ତରୀୟ କାୟାକଳ୍ପ ଟିମ୍ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିଭ୍ରମଣ କରିଥିଲେ । ସେମାନେ ବିଭିନ୍ନ କ୍ଷେତ୍ର ଯଥା ପରୀକ୍ଷା କେନ୍ଦ୍ର,ଡାକ୍ତର ଖାନାରୁ ବାହାରୁଥିବା ଆବର୍ଜନା, ନିଦାନ, ରେକର୍ଡ ପତ୍ର ଯାଞ୍ଚ କରିଥିଲେ।

### ବୁଲୁଥିବା ବ୍ୟକ୍ତିଙ୍କୁ ସହାୟତା କଲେ ସ୍ୱେଚ୍ଛାସେବୀ

ଜୟପୁର,୩୦।୩(ନି.ପ୍ର.)- ଜୟପୁର ସହରରେ ଦୀର୍ଘଦିନ ଧରି କିଛି ପାଗଳ ଦେହ ସାରା କମ୍ବଳ ଘୋଡ଼େଇ ବୁଲୁଥିଲେ। ଖୋଜାଖୋଜି କରି ଗୋଟିଏ ପାଗଳଙ୍କୁ ଠାବ କରିଛନ୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାହାଯ୍ୟ। ତାଙ୍କ ଚୁଟି କାଟି, ପରିଷ୍କାର ଭାବେ ଗାଧୋଇ, ନୂଆ ଡ୍ରେସ୍ ସହ ଚପଲ ପିନ୍ଧେଇ ଛାଡ଼ିଛନ୍ତି। ତେବେ ଏହି ସ୍ୱଚ୍ଛାସେବୀ ଅନୁଷ୍ଠାନର ମୂଳ ଲକ୍ଷ୍ୟହେଲା, ଖରାଦିନେ ଗରମରୁ ରକ୍ଷା କରିବା ଏବଂ ପରିଷ୍କାର ରହିବା ଦ୍ୱାରା କାଳେ ସେମାନଙ୍କ ମନୋଭାବରେ କିଛି ପରିବର୍ତ୍ତନ ଆସିପାରେ। ସେଥିପାଇଁ ସେମାନେ ଏକ ଛୋଟିଆ ପ୍ରୟାସ ଆରମ୍ଭ କରିଛନ୍ତି। ଏଥିରେ ସାହାଯ୍ୟ ପରିବାରର ପବିତ୍ର ପାତ୍ର, କାର୍ତ୍ତିକ ରାଉତ, ରାମ ପାଣିଗ୍ରାହୀ, ବି ରମେଶ, ସୁଶାନ୍ତ ପଣ୍ଡା, ଜୟନ୍ତ ସାନ୍ତ୍ରା, ରବି ନାୟକ ଓ ସହଦେବ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଜନଶୁଣାଣିରେ ସରକାରୀ ନିୟମ ପାଳନ କରୁନି ବ୍ଲକ ପ୍ରଶାସନ

ପଟ୍ଟାଙ୍ଗି,୩୦।୩(ଡି.ଏନ୍.ଏ.)

ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ସହଯୋଗରେ ଗ୍ରାମାଞ୍ଚଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇ ସଚେତନତା ସୃଷ୍ଟି କରିବାକୁ ଜନଶୁଣାଣି କାର୍ଯ୍ୟକ୍ରମ ବ୍ଲକଗୁଡ଼ିକରେ କରାଯାଉଛି। ଏଥିପାଇଁ କଣ୍ଟିଜେନ୍ସି ଫଣ୍ଡରୁ ଅର୍ଥ ଖର୍ଚ୍ଚ କରିବା ବ୍ୟବସ୍ଥା ରହିଛି। ମାତ୍ର ଏହି ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ଫଳରେ ଯେଉଁ ଲକ୍ଷ୍ୟନେଇ ଏହି ଜନଶୁଣାଣି ହେଉଛି ତା'ର ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କ୍ଷେତ୍ରରେ ଏପରି ଦେଖିବାକୁ ମିଳିଛି।

ଖବରରୁ ଜଣାପଡ଼ିଛି ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜନ ପୂର୍ବରୁ ଡାକବାଜି ଯନ୍ତ୍ର ଅବା ଡେଙ୍ଗୁରା ବଜାଇ ଲୋକଙ୍କୁ ଅବଗତ କରିବା ଏବଂ ଏଥିରେ ସେମାନେ ଉପସ୍ଥିତ ରହିବା ଲାଗି ସଚେତନ କରିବା ନିୟମ ରହିଥିଲେ ମଧ୍ୟ ଏହା ପାଳନ କରାଯାଉନାହିଁ। ଗଣମାଧ୍ୟମରେ ବିଜ୍ଞାପନ ଦେଇ ଲୋକଙ୍କୁ ଅବଗତ କରାଇବା ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଛି। ବ୍ଲକ ପ୍ରଶାସନର ଏପରି କାର୍ଯ୍ୟ ସମ୍ପର୍କରେ ଜିଲା ପ୍ରଶାସନକୁ ଜଣାଇଲେ ମଧ୍ୟ ଜିଲା ପ୍ରଶାସନ ନୀରବ ରହୁଛି। ଫଳରେ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ପୂରଣ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବୁଧବାର ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରୁ ସମସ୍ତ ଗଣମାଧ୍ୟମକୁ ଦୂରେଇ ରଖାଯାଇଥିଲା। ଏଥିରେ ଅନେକ ସରପଞ୍ଚ ମଧ୍ୟ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ଉପସ୍ଥିତ ଥିବା ଅଳ୍ପ କେତେ ଜଣ ସରପଞ୍ଚ ଓ ଶ୍ରମିକ କୋଟିଆ, ପୁକାଲି, ଦେଓପଟ୍ଟାଙ୍ଗି, ରାଲେଗଡ଼ା, ସମ୍ଭାଇ ଆଦି ପଞ୍ଚାୟତରେ ବିନା କାର୍ଯ୍ୟରେ ବିଲ୍ ହୋଇଥିବା ଅଭିଯୋଗ ଉଠାଇଥିଲେ। ରାଲେଗଡ଼ା ପଞ୍ଚାୟତର ସୁନିୱାଲସା ଗ୍ରାମରେ ମେସିନ ଲଗାଇ ଘାଟ୍ କଟିଂ ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଥିବା ଏବଂ ଉକ୍ତ କାର୍ଯ୍ୟର ବିଲ୍ ହୋଇଥିବା ଅଭିଯୋଗ ଉଠିଥିଲା। ଅଭିଯୋଗକୁ ଗ୍ରହଣକରି ପଦକ୍ଷେପ ନେବା ବଦଳରେ ଉପସ୍ଥିତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଗୌରବ ଶିବାଜୀ ଇସ୍‌ଲୱାର ବିରକ୍ତି ପ୍ରକାଶ କରିଥିଲେ। ପରେ ସେ ସମସ୍ତ ଅଭିଯୋଗକୁ ପ୍ରୋସେଡିଂରେ ଉଲ୍ଲେଖକରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ଜିଲା ପରିଷଦ ସଭ୍ୟ ଟିକିଏ ଗେମେଲ, ଓମ୍ବୁଡସ୍‌ମ୍ୟାନ ନଳିନୀ ଟାକିରି, ଜିଲା ସାମାଜିକ ସମୀକ୍ଷକ ଅନିଲ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ନିଶା ନିବାରଣ ନେଇ ସଚେତନତା କାର୍ଯ୍ୟକ୍ରମ

କୋରାପୁଟ,୩୦।୩(ସ୍ୱ.ପ୍ର.)

କୋରାପୁଟ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାରତକୁ ନିଶାମୁକ୍ତ କରିବାପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏହି ଅବସରରେ ସ୍ଥାନୀୟ ପୁଜାରିପୁଟ ପ୍ରାଥମିକ ବିଦ୍ୟାଳୟରେ ନିଶାମୁକ୍ତ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ମଧୁସ୍ମିତା ସୂତାରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବ୍ରହ୍ମକୁମାରୀ ଈଶ୍ୱରୀୟ ବିଦ୍ୟାଳୟର କୋରାପୁଟର ମୁଖ୍ୟ ସ୍ୱର୍ଣ୍ଣ ଦିଦି କାର୍ଯ୍ୟକ୍ରମରେ ପରିଚାଳନା କରିଥିଲେ ।

## ସ୍କିଲ୍ ହବ୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ


କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

କୋରାପୁଟ,୩୦।୩(ସ୍ୱ.ପ୍ର.)

କୋରାପୁଟ ସଦର ମହକୁମାରେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାର ୪ର୍ଥ ପର୍ଯ୍ୟାୟ ସ୍କିଲ୍ ହବ୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଜନଶିକ୍ଷଣ ସଂସ୍ଥା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଂସ୍ଥାନ ନିର୍ଦ୍ଦେଶିକା ଡ. ରାଇଚେଲ ରାୟକୁମାରୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନମିତା ମାଝି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଜିଲା ନିୟୋଜନ ଅଧିକାରୀ ଶୁଭେନ୍ଦୁ ମିଶ୍ର ମୁଖ୍ୟବକ୍ତା, ଓର୍ମାସର ପ୍ରଶାନ୍ତ ଛତ୍ର ଓ ଅସିତ ଲାକ୍ରା ସମ୍ମାନିତ ଅତିଥିରୂପେ ଉପସ୍ଥିତ ଥିଲେ । ସିଲେଇ ଓ ବିୟୁଟି ପାର୍ଲରରେ ପ୍ରଶିକ୍ଷଣ ନେବାକୁ ଥିବା ପ୍ରାୟ ୯୦ ଜଣ ଛାତ୍ରୀ ଯୋଗ ଦେଇଥିଲେ । ଜନଶିକ୍ଷଣ ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରୀ କିରଣ ମଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପକାର୍ଯ୍ୟକ୍ରମ ଅଧିକାରୀ ରୋଜାଲିନା ବାଗ ଧନ୍ୟବାଦ ଦେଇଥିଲେ।

## କାୟାକଳ୍ପରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରଥମ

ମାଲକାନଗିରି,୩୦।୩(ଡି.ଏନ୍.ଏ.)



ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଏକ ବିଶେଷ ସଫଳତା ମିଳିଛି। କାୟାକଳ୍ପ ଯୋଜନାରେ ପୁଣି ଚିକିତ୍ସାଳୟକୁ ତୃତୀୟ ଥର ପାଇଁ ରାଜ୍ୟ ସ୍ତରରେ ପ୍ରଥମ ସ୍ଥାନ ମିଳିଛି। ଏହି ଯୋଜନାରେ ଉତ୍ତମ ରୋଗୀ ସେବା, ପରିବେଶ ଓ ସ୍ୱାସ୍ଥ୍ୟ ସଚେତନତାକୁ ବିଚାରକୁ ନିଆଯାଇଥିଲା। ଏଥିରେ ସଫଳତା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରଥମ ସ୍ଥାନ ମିଳିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ ନନ୍ଦ କହିଛନ୍ତି। ସେହିପରି ମାଥିଲି ଉପଖଣ୍ଡ ଚିକିତ୍ସାଳୟ ମଧ୍ୟ କାୟାକଳ୍ପ ଯୋଜନାରେ ଦ୍ୱିତୀୟ ଥର ପାଇଁ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଛି। ସେହିପରି ଚଳିତ ବର୍ଷ ଜିଲାର ୬ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ପୁରସ୍କୃତ ହୋଇଥିବା ଜଣାପଡ଼ିଛି। ଗତବର୍ଷ ୨୮ଟି

**ତୃତୀୟ ଥର ପାଇଁ ଆଣିଲା ଗୌରବ**

ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ ହୋଇଥିବା ବେଳେ ଚଳିତବର୍ଷ ୪୯ ସହର ଏବଂ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ ହୋଇଛି। ଆଗାମୀ ଦିନରେ ଜାତୀୟ ସ୍ତରରେ ମାଲକାନଗିରି ଜିଲା ଚିକିତ୍ସାଳୟ ପୁରସ୍କାର ପାଇବା ଲାଗି ଯେପରି ମନୋନୀତ ହେବ ସେଥିପାଇଁ ଆମେ ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରୁଛୁ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନନ୍ଦ କହିଛନ୍ତି।

## ଆଦିବାସୀ ଚଇତି ପର୍ବରେ ଦୁଲୁକୁଛି ଗାଁ ଦାଣ୍ଡ

ମାଥିଲି,୩୦।୩(ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ପାତ୍ରପୁଟ ଗାଁରେ ଆଦିବାସୀ ପରମ୍ପରା ଚଇତିପର୍ବ ଧୁମ୍‌ଧାମ୍‌ରେ ପାଳନ ହେଉଛି। ଏଠାରେ ବହୁ ପ୍ରକାର ଆଦିବାସୀ ବସବାସ କରିଥାନ୍ତି। ଏମାନଙ୍କ ମୁଖ୍ୟ ପର୍ବ ଚଇତିପର୍ବ। ସପ୍ତାହ ଯାଏଁ ନାଚ ଗୀତ ଢେମସା ସହ ଦେବୀଦେବତାଙ୍କୁ ପୂଜା କରାଯାଇଥାଏ। ମହିଳାମାନେ ପୁରୁଷ ବେଶରେ, କିଏ ଡକ୍ଟର, କିଏ ପୋଲିସ ତ ଆଉ କିଏ କଳାକାର ହୋଇ ବୁଢ଼ିଆ ଭେଟ୍‌ବୋଲି ବାହାରିଥାନ୍ତି। ଏଥିସହ ଗାଁର ସମସ୍ତ ମହିଳା ପାଜର ମାଗିଥାନ୍ତି ଖୁସିରେ ଯାତ୍ରୀମାନଙ୍କଠାରୁ। ଟଙ୍କା ଆଦାୟ କରି ଉକ୍ତ ଟଙ୍କାରେ ଶେଷ ଦିନରେ ଧାନ ମୁଢ଼ି ସହ ଗୁଡ଼ ଦନାରେ ରଖି ଜାତି ଧର୍ମ ନିର୍ବିଶେଷରେ ବାଣ୍ଟିଥାନ୍ତି। ପ୍ରକୃତି ଦେବଦେବୀଙ୍କୁ ପୂଜାପାଠକରି ଆରମ୍ଭ ହୁଏ ଏହି ଚୈତ ପର୍ବ। ପ୍ରଥମ ଦିନରୁ ଗାଁ ଦାଣ୍ଡରେ ଡାକରା ପଡ଼େ। ଚନ୍ଦ୍ର,ସୂର୍ଯ୍ୟ,ଧରଣୀ, ପାଣିକୁ ପୂଜା କରି ଚଇତି ପର୍ବ ଘରେ ଘରେ ପାଳନ କରାଯାଏ। ପୂଜାପାଠ କରି ଆମ୍ବକୁ ସପ୍ତାହେ ପର୍ଯ୍ୟନ୍ତ ଖାଇଥାନ୍ତି ଏମାନେ। ସମସ୍ତେ ଭୁଲି ଯାଆନ୍ତି କାମ ଧନ୍ଦା। ଏକାଠି ହୋଇ ପର୍ବରେ ମଜିଯାନ୍ତି ସମସ୍ତେ। ଆଦିବାସୀ ପଡ଼ା ଗାଁଗଣ୍ଡାରେ ପ୍ରକୃତି ଦେବଦେବୀଙ୍କୁ ସନ୍ତୁଷ୍ଟ ଓ ଗାଁ ଶାନ୍ତି ପ୍ରତିଷ୍ଠା ପାଇଁ ଚଇତି ପର୍ବର ମହତ୍ତ୍ୱ ରହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇବା ପାଇଁ ଚଇତି ପର୍ବରେ ପରିବର୍ତ୍ତନ ହୋଇନାହିଁ। ଚୈତ ପର୍ବ ସମ୍ପର୍କକୁ ନିବିଡ଼ କରିଥାଏ ବୋଲି ଗାଁର ବାରିକ ଚଲାଣ ଢଙ୍ଗଡ଼ା ନାୟକ କହିଛନ୍ତି।

## ଜିଲାସ୍ତରୀୟ ଗ୍ରାହକ ସଚେତନତା କର୍ମଶାଳା

ମାଲକାନଗିରି,୩୦।୩ (ଡି.ଏନ୍.ଏ.)

ମାଲକାନଗିରି ଜିଲା ପରିଷଦ ସଭାଗୃହରେ ଜିଲାସ୍ତରୀୟ ଗ୍ରାହକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପରିବର୍ତ୍ତନ ସଂସ୍ଥା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଖାଉଟି ଓ ଯୋଗାଣ ଅଧିକାରୀ ଅଜୟ ରଥ, ଅତିରିକ୍ତ ନିୟନ୍ତ୍ରକ ନଳିନୀ ଶଙ୍କର ପାଣିଗ୍ରାହୀ, ଅଶୋକ ପଟ୍ଟନାୟକ, ପରିବର୍ତ୍ତନର ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନଙ୍କ ସହ ଶତାଧିକ ଖାଉଟି, ଶିକ୍ଷୟିତ୍ରୀ ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ, ସରପଞ୍ଚ, ୱାର୍ଡମେମ୍ବର ଅଂଶଗ୍ରହଣ କରିଥିଲେ। ଗ୍ରାହକମାନେ କିପରି ଗ୍ରାହକ ସୁରକ୍ଷା ଆଇନ ସମ୍ପର୍କରେ ଜାଣିବେ, ବିଭିନ୍ନ ବ୍ୟବସାୟୀଙ୍କ ଦ୍ୱାରା ହେଉଥିବା ଆର୍ଥିକ କ୍ଷତିରୁ ରକ୍ଷାପାଇବେ, ବିଭିନ୍ନ ସାମଗ୍ରୀ ଉପଯୁକ୍ତ କମ୍ପାନୀଙ୍କଠାରୁ ସୁଲଭ ମୂଲ୍ୟରେ ପାଇବେ, କୌଣସି କମ୍ପାନୀ କିମ୍ବା ବିକ୍ରେତା ଅନିୟମିତତା କଲେ ଖାଉଟି ଗ୍ରାହକ ସେବା ଆଇନ ଦ୍ୱାରା କିପରି ଦଣ୍ଡିତ ହେବେ ସେ ସମ୍ପର୍କରେ ଉପସ୍ଥିତ ଖାଉଟି ଓ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବ୍ୟବହୃତ ଓଜନ ଉପକରଣ ପ୍ରଦର୍ଶିତ ହୋଇଥିଲା। ପୂର୍ବରୁ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।


କର୍ମଶାଳାରେ ଉପସ୍ଥିତ ଅତିଥି ଓ ଜନସାଧାରଣଙ୍କ ସହ ଅନ୍ୟମାନେ।

## କଲମ ଛାଡ଼ ଆନ୍ଦୋଳନ କରିବାକୁ ଜିଲାସ୍ତରୀୟ ଅମଲାଙ୍କ ପ୍ରସ୍ତୁତି

ମାଲକାନଗିରି,୩୦।୩ (ଡି.ଏନ୍.ଏ.)


ଅମଲାଙ୍କ ଚାଲିଥିବା ପ୍ରସ୍ତୁତି ବୈଠକ ।

**ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ଗଠନ ନେଇ ପ୍ରସ୍ତାବ ଗୃହୀତ**

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଜିଲା ପରିଷଦ ସଭା ଗୃହରେ ଗୁରୁବାର ମାଲକାନଗିରି ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ଗଠନ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଲକାନଗିରି ଜିଲା ଅମଲା ସଂଘ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ସେଠୀ, ରାଜସ୍ୱ ଅମଲା ସଂଘ ସଭାପତି ସି.ଏଚ୍.ପି. କ୍ରିଷ୍ଣା ରାଓ, ରାଜସ୍ୱ ଅମଲା ସଂଘ ସମ୍ପାଦକ ଦିଲିପ ନାୟକ ଓ ମାଲକାନଗିରି ଅମଲା ସଂଘ ସମ୍ପାଦକ ଲକ୍ଷ୍ମୀଧର ଦାସଙ୍କ ସମେତ ଜିଲାସ୍ତରୀୟ ଅମଲା ସଂଘର ୩୦୦ରୁ ଉର୍ଦ୍ଧ୍ୱ ଅମଲା ଉପସ୍ଥିତ ଥିଲେ। ମାଲକାନଗିରି ଜିଲାରେ ଏକ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ଗଠନ କରିବାକୁ ବୈଠକରେ ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ମାଲକାନଗିରି ମିଳିତ ଅମଲା ମଞ୍ଚର ଅଧ୍ୟକ୍ଷ ଭାବେ ଲକ୍ଷ୍ମୀ ନାରାୟଣ ସେଠୀ, ଆବାହକ ଭାବେ ରୂପେ ଶ୍ୟାମ ସୁନ୍ଦର ନାୟକ ଓ ଝୁଙ୍କୁନା ପଡିଆମି, କୋଷାଧକ୍ଷ ରୂପେ ପ୍ରଶାନ୍ତ ପୃଷ୍ଟି, ଗଣମାଧ୍ୟମ ସମ୍ପାଦକ ରୂପେ ଏମ୍. ସନ୍ତୋଷ ସେନାପତି, ସୁକାନ୍ତ ସାହୁ ମନୋନୀତ ହୋଇଛନ୍ତି। ୨୪ ଜଣ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଥିବା ଜଣାପଡିଛି। ଅମଲା ମାନଙ୍କ ଦରମା ହାର ୯୩୦୦ସହିତ ୪୨୦୦ ଟଙ୍କା ଗ୍ରେଡ ପେ ଦାବି ପୂରଣ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସୂଚନାଯୋଗ୍ୟ, ରାଜ୍ୟ ପ୍ରଶାସନର ମୌଳିକ ସେବା ପ୍ରଦାନରେ ଜିଲାସ୍ତରୀୟ ଅମଲା ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜନସାଧାରଣଙ୍କ ସେବାରେ ନିୟୋଜିତ ହୋଇ ଏହି ବର୍ଗର କର୍ମଚାରୀମାନେ ସରକାରୀ ଅବହେଳାର ଶିକାର ହେଉଥିବା ସଂଘ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ଏନେଇ ଗତ ୫ତାରିଖରେ ରାଜ୍ୟ ସଚିବାଳୟ ସେବା ବୈଠକ ଗୃହରେ ଓଡିଶା ଅମଲା ସଂଘ, ରାଜସ୍ୱ ଅମଲା ସଂଘ, ନିଖିଳ ଓଡିଶା ଟ୍ରେଜରି ଅମଲା ସଂଘ ଓ ଓଡିଶା ସବରେଜିଷ୍ଟ୍ରାର ଅମଲା ସଂଘର ଏକ ମିଳିତ ବୈଠକ ହୋଇଥିଲା।

## ସଂକ୍ଷେପରେ

### ଜୁଆ ଖେଳ ଉପରେ ଚଢ଼ାଉ, ୭ ଗିରଫ

ଗୁଣପୁର,୩୦ା୩(ଡି.ଏନ୍.ଏ.)- ଜୁଆଖେଳ ଉପରେ ଚଢ଼ାଉ କରି ଗୁରୁବାର ସନ୍ଧ୍ୟାରେ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି ଗୁଣପୁର ପୋଲିସ। ସେମାନେ ହେଲେ ଶ୍ରୀନିବାସ ବାଉରି, ଜି.ଉପେନ୍ଦ୍ର, ସୁରେଶ ବାଉରୀ, ଜି.ରାଜେଶ୍ୱର,ଚନ୍ଦନ ଗୌଡ଼, ଚନ୍ଦ୍ରଶେଖର ପଣ୍ଡା ଏବଂ କେନ୍ଦୁଗୁଡାର ଟି.ନିତେଶ। ସେମାନଙ୍କ ନିକଟରୁ ୧୯,୦୦୦ ଟଙ୍କା ଏବଂ ୪ଟି ବାଇକ୍ ଜବତ କରାଯାଇଥିବା ଆଇଆଇସି ନୀଳାମ୍ବର ଜାନି ସୂଚନା ଦେଇଛନ୍ତି। ବଂଶଧାରା ନଦୀ ନିକଟ ଭୂତେଶ୍ୱର ମନ୍ଦିର ନିକଟରେ ଜୁଆଖେଳ ଚାଲିଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ପୋଲିସି ଚଢ଼ାଉ କରିଥିଲା।

### ଉତ୍କଳ ସାମ୍ବାଦିକ ସଂଘ ଜଗନ୍ନାଥ ମନ୍ଦିରକୁ ଦେଲା ୪ ପଙ୍ଖା

ମାଲକାନଗିରି,୩୦ା୩(ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦରରେ ଥିବା ପୁରାତନ ଜଗନ୍ନାଥ ମନ୍ଦିରର ଆନନ୍ଦ ବଜାରକୁ ଉତ୍କଳ ସାମ୍ବାଦିକ ସଂଘ ଏକ ପଙ୍ଖା ଦେଇଛି। ଏଠାରେ ପଙ୍ଖା ନ ଥିବାରୁ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ ସମୟରେ ଗରମରେ କଷ୍ଟ ପାଉଥିଲେ। ଏହି ଅସୁବିଧାକୁ ଅନୁଭବ କରି ସଂଘ ଗୁରୁବାର ମନ୍ଦିର ପରିଚାଳନା କମିଟିକୁ ୪ଟି ପଙ୍ଖା ଦେଇଛି। ପବିତ୍ର ଶ୍ରୀରାମ ନବମୀ ଅବସରରେ ମନ୍ଦିରକୁ ଯାଉଥିବା ଶ୍ରଦ୍ଧାଳୁଙ୍କୁ ସଂଘ ପକ୍ଷରୁ ପଣା ବଣ୍ଟନ କରାଯାଇଥିଲା।

### ପାଠାଗାର ପକ୍ଷରୁ ବଳିଦାନ ଦିବସ

ସେମିଳିଗୁଡା/ସୁନାବେଡା,୩୦ା୩ (ସ୍ୱ.ପ୍ର.) ସେମିଳିଗୁଡା ଶହୀଦ ଲକ୍ଷ୍ମଣ ନାୟକ ପାଠାଗାର ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ୭୯ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ପାଠାଗାର ପରିସରରେ ଅନୁଷ୍ଠିତ ଏହି ସମାବେଶରେ ସଭାପତି ଅଜୟ ସାହୁ ଅଧକ୍ଷତା କରିଥିଲେ। କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ରଘୁରାମ ପଡାଲ ମୁଖ୍ୟଅତିଥି, ସୁନାବେଡା ଡ଼ିଗ୍ରୀ ମହିଳା ମହାବିଦ୍ୟାଳୟ ଅଧକ୍ଷା ଉଷାରାଣୀ ଦାସ ମୁଖ୍ୟବକ୍ତା, ସୁନାବେଡା ପୌରାଧକ୍ଷ ଡ. ରାଜେନ୍ଦ୍ର ପାତ୍ର, ବରିଷ୍ଠ ନାଗରିକ ସଂଘ ସଭାପତି ବିନୟ ପଟ୍ଟନାୟକ,ଓମ୍ ପ୍ରକାଶ ମିଶ୍ର ଓ ମମତା ରାୟ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରାଧାପକ ଡ଼ ଚିତ୍ତରଞ୍ଜନ ମିଶ୍ର, ଅବସରପ୍ରାପ୍ତ ସେନା କର୍ମଚାରୀ ଶରତ ଷଡଙ୍ଗୀ, ଜାତୀୟ ସମ୍ମାନପ୍ରାପ୍ତ ଶିକ୍ଷକ ଓମ୍ପ୍ରକାଶ ମିଶ୍ର,ସାମାଜିକ କର୍ମୀ ମମତା ରାୟ, ଆଦିବାସୀ କଳାକାର ସସ୍ମିତା ନାଗ, ସମାଜିକ କର୍ମୀ ପୀତାମ୍ବର କିର୍ସାନୀ, କରାଟେକା ରୁଦ୍ରାଂଶୁ ସାମଲ, ଆକାଂକ୍ଷା ମହାନ୍ତି ଏବଂ ଘେନୁ ଦେଉଳପାଡିଆଙ୍କୁ ସମ୍ମାନିତ କରାଯାଇଥିଲା। ସଂପାଦକ ସୁଶାନ୍ତ ପାତ୍ର ଅତିଥି ପରିଚୟ ଓ ଉପସଭାପତି ଧନପତି ଇଡିଙ୍ଗ ଧନ୍ୟବାଦ ଦେଇଥିଲେ। ମେହେର ପ୍ରଧାନ, ଶୁଭାଷିଷ ପଟ୍ଟନାୟକ,ସୁନୀଲ ଦେଉଳପାଡିଆ, ନାରାୟଣ ରାଉତଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ସାଇଧାରା ଜଳପ୍ରପାତରେ ଭିତ୍ତିଭୂମି ଅନୁଧ୍ୟାନ

ଝରିଗାଁ, ୩୦ା୩(ସ୍ୱ.ପ୍ର.)

**ବିଧାୟକ, ଜିଲାପାଳଙ୍କ ପରିଦର୍ଶନ**

ନବରଙ୍ଗପୁର ଜିଲାପାଳ ଡଃ କମଲଲୋଚନ ମିଶ୍ର, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଜିଲାସ୍ତରୀୟ ଅଧିକାରୀଙ୍କ ସହ ସାଇଧାରା ଜଳପ୍ରପାତ ଗସ୍ତ କରି ଫେରିଛନ୍ତି। ସାଇଧାରା ଉନ୍ନୟନ କମିଟି ସହିତ ଆଲୋଚନା କରି ଭିତ୍ତିଭୂମିର ବିକାଶକ୍ରମେ ନିକଟସ୍ଥ ବନିଆଦିଗି ଗ୍ରାମରୁ ସାଇଧାରା ପର୍ଯ୍ୟଟନ ସ୍ଥଳି ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ, ସାଇଧାରା ପର୍ଯ୍ୟଟନ ସ୍ଥଳିର ଚତୁଃପାର୍ଶ୍ୱରେ ପାଚେରୀ, ସାଇଧାରା ପର୍ଯ୍ୟଟନ ସ୍ଥଳି ସକାଶେ ମୁଖ୍ୟ ଫାଟକ ସହ ସାଇନ୍ ବୋର୍ଡ, ଯାନବାହାନ ରହିବା ସକାଶେ ପାର୍କିଂ ବ୍ୟବସ୍ଥା ଉପରେ ଆଲୋଚନ ହୋଇଥିଲା। ଏଥିସହ ପର୍ଯ୍ୟଟକଙ୍କ ସୁବିଧା ପାଇଁ ବିଶୁଦ୍ଧ ପାନୀୟ ଜଳ, ବିଜୁଳି ଆଲୋକ, ବିଶ୍ରାମ ଗୃହ, ଶିଶୁ ଉଦ୍ୟାନ, ସବୁଜ ବନୀକରଣ, ଜଳପ୍ରପାତ ନିକଟରେ ବେରିକେଟ୍, ୱାଚ୍ ଟାୱାର, ଜଗୁଆଳି ଗୃହ, ଝରିଗାଁ ବ୍ଲକ ସଦରରୁ ସାଇଧାରା ପର୍ଯ୍ୟନ୍ତ ମାର୍ଗଦର୍ଶକ ବୋର୍ଡ ଆଦିର ବ୍ୟବସ୍ଥା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ପରେ ବିଧାୟକ ଏବଂ ଜିଲାପାଳ ଝରିଗାଁର ପର୍ଯ୍ୟଟନ ସ୍ଥଳୀ ଚନ୍ଦନଧାରା ଏବଂ ଦେଉଳକଣା ଶୈବ ପୀଠ ଗସ୍ତକରି ସେଠାରେ ଆନୁଷଙ୍ଗିକ ବ୍ୟବସ୍ଥା ତଦାରଖ କରିଥିଲେ। ଏହି ଗସ୍ତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ଏମ୍‌ପିଙ୍କ ପ୍ରତିନିଧି ପ୍ରିୟ ରଞ୍ଜନ ଦାଶ, ବ୍ଲକ ଅଧକ୍ଷ ଦୁର୍ଗା ପ୍ରସାଦ ମାଝି, ବ୍ଲକ ବିଜେଡି ସଭାପତି ଟିକଚାନ୍ଦ ମାଝି, ସରପଞ୍ଚ ସଂଘ ସଭାପତି ମୋହନ ନାୟକ, ଜିଲା ପରିଷଦ ସଭ୍ୟ ଯମୁନା ଗଣ୍ଡ, ବିଡଓ ସତ୍ୟନାରାୟଣ ମେହେର, ଏଇ ବିନିତ୍ କୁମାର ମିଶ୍ର, ସଞ୍ଜୟ ଲେଙ୍କା, ରଜନୀକାନ୍ତ ପଟ୍ଟନାୟକ, ସଦାଶିବ ପଟ୍ଟନାୟକ ପ୍ରମୁଖଙ୍କ ସହ ମନ୍ଦିର ପରିଚାଳନା କମିଟି ସଭ୍ୟ ଓ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାନୁଯାୟୀ, ନବରଙ୍ଗପୁର ଜିଲା ଝରିଗାଁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ମାଝି ନିଜ ନିର୍ବାଚନ ମଣ୍ଡଳୀରେ ଥିବା ଅନେକ ଦର୍ଶନୀୟ ସ୍ଥାନର ବିବରଣୀ ସଂଗ୍ରହ କରି ଏହାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜଣାଇଥିଲେ। ବିଧାୟକଙ୍କ ଦୃଷ୍ଟି ଆକର୍ଷଣ ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଥିଲା। ଏହାପରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଝରିଗାଁ ଗସ୍ତରେ ଆସିଥିବା ବେଳେ ସାଇଧାରର ଉନ୍ନତିକରଣ ପାଇଁ ପରିଚାଳନା କମିଟି ଦୃଷ୍ଟି ଆକର୍ଷଣ କରିଥିଲେ। ୫-ଟି ସଚିବ ପରିଚାଳନା କମିଟିକୁ ଲିଖିତଭାବେ ନବରଙ୍ଗପୁର ଜିଲାପାଳଙ୍କୁ ଦାବି ଜଣାଇବାକୁ କହିଥିଲେ। ଏହି କ୍ରମରେ ଜିଲାପାଳ ଓ ବିଧାୟକ ଗୁରୁବାର ସେଠାକୁ ଯାଇ ଭିତ୍ତିଭୂମିର ତଦାରଖ କରିଥିଲେ।

# ୨ ଦିନିଆ ଅନ୍ତର୍ଜାତୀୟ ଅନ୍ତଃବିଭାଗୀୟ ସମ୍ମିଳନୀ ଉଦ୍‌ଯାପିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜଣେ ମହିଳାଙ୍କୁ ସମ୍ମାନିତ କରାଯାଉଛି ।

କୋରାପୁଟ,୩୦ା୩(ସ୍ୱ.ପ୍ର)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଏବଂ ଅର୍ଥନୀତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଭାରତରେ ବିକାଶର ଯାତ୍ରା, ସ୍ୱାଧୀନତାର ୭୫ତମ ବର୍ଷରେ ଅର୍ଥନୈତିକ ଓ ଯୋଗାଯୋଗ ଦୃଶ୍ୟପଟ୍ଟରେ ପ୍ରତିଫଳନ ଶୀର୍ଷକ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କୁଳପତି ଯୋଗଦେଇ କହିଛନ୍ତି, ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଗବେଷକ ଓ ଅଧ୍ୟାପକମାନେ ଅନ୍ତର୍ଜାତୀୟ ସମ୍ମିଳନୀରେ ବିଭିନ୍ନ ବିଷୟର ବିଦେଶୀ,ଭାରତୀୟ ପ୍ରତିନିଧିଙ୍କ କଥା ଶୁଣି, ଆଲୋଚନା କରି ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏକ ନୂତନ ଦିଗକୁ ଆବିଷ୍କାର କରିଛନ୍ତି ଏବଂ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବିକଶିତ ହୋଇଛି ବୋଲି କହିଥିଲେ। ତୁରିନ୍‌ବିଶ୍ୱବିଦ୍ୟାଳୟର ଡ. ମାଟିଲ୍ଡା ଆଡୁସି ଉଦ୍‌ଘାଟନୀ ଭାଷଣ ଦେଇଥିଲେ। ଏହି ପ୍ୟାନେଲରେ ବାଂଲାଦେଶର ଏମବିଏସଟିୟୁର ଅର୍ଥନୀତି ପ୍ରଫେସର ସଞ୍ଜୟ କୁମାର ସାହା ଏବଂ ଦମନ ଚଳଚ୍ଚିତ୍ରର ନିର୍ମାତା ଦେବୀ ପ୍ରସାଦ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିଭାବେ ବିଶ୍ୱବିଦ୍ୟାଳୟ ଏକାଡେମିକ୍ ଓ ପ୍ରଶାସନିକ ପରାମର୍ଶଦାତା ପ୍ରଫେସର ସୁଧେନ୍ଦୁ ମଣ୍ଡଳ ଓ ଭାଷା ବିଦ୍ୟାଳୟର ଡିନ୍ ପ୍ରଫେସର ଏନ୍‌ସି ପଣ୍ଡା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ ସମ୍ମିଳନୀର ଆବାହକ ଅର୍ଥନୀତି ବିଭାଗର ମୁଖ୍ୟ ଡ. ମିନତୀ ସାହୁ , ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଭାରପ୍ରାପ୍ତ ମୁଖ୍ୟ ଡ. ସୌରଭ ଗୁପ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଡ. ଆଡୁସି ପାରମ୍ପରିକ ଯୁଗରୁ ଆରମ୍ଭ କରି ଉଦାରୀକରଣ ଓ ନବ ଉଦାରୀକରଣ ଯୁଗ ପର୍ଯ୍ୟନ୍ତ ଅର୍ଥନୈତିକ ବିକାଶର ଯାତ୍ରା ସମ୍ପର୍କରେ କହିଥିଲେ। ଦେବୀ ପ୍ରସାଦ ଲେଙ୍କା ସାମାଜିକ ପରିବର୍ତ୍ତନରେ ଚଳଚ୍ଚିତ୍ରର ଭୂମିକା ଉପରେ ଆଲୋଚନା କରିଥିଲେ। ସାମାଜିକ ସମସ୍ୟା ହେଉଛି ଚଳଚ୍ଚିତ୍ର ପାଇଁ ପ୍ରେରଣାର ଉତ୍ସ ବୋଲି ସେ କହିଥିଲେ। ପ୍ରଫେସର ସାହା ତାଙ୍କ ଅଭିଭାଷଣରେ ସ୍ୱାଧୀନ ଭାରତରେ ଅର୍ଥନୀତିର ଅଭିବୃଦ୍ଧି ଓ ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହ କୃଷି, ଶିଳ୍ପାୟନ ଓ ପ୍ରଯୁକ୍ତି ବିଦ୍ୟା ଉପରେ ବିଶେଷ ଧ୍ୟାନ ଦେଇଥିଲେ। ଭାରତର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବିଶେଷ କରି ଆୟୁଷ୍ମାନ ଭାରତ ଏବଂ ଡିଜିଟାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

# ବିରୋଧ କରିବାରୁ ଜନପ୍ରତିନିଧିଙ୍କୁ ଗାଡି ମଡାଇବାକୁ ଉଦ୍ୟମ

- ନଦୀରୁ ଆନ୍ଧ୍ରକୁ ବାଲି ବୋହି ନେଉଛନ୍ତି ବ୍ୟବସାୟୀ
- ୩ ଘଣ୍ଟା ଅପେକ୍ଷା କରି ପହଞ୍ଚିଲେନି ପୋଲିସ,ତହସିଲ କର୍ମଚାରୀ
- ଗୁରୁବାର ଥାନାରେ ଏତଲା ଦେବୁ: ସରପଞ୍ଚ



ବାଲି ଢାଳି ଚାଲିଯାଉଥିବା ୨ ଗାଡି।

ନନ୍ଦପୁର, ୩୦ା୩ (ଡି.ଏନ.ଏ.)

ନନ୍ଦପୁର ବ୍ଲକ ସୀମାନ୍ତ ପଞ୍ଚାୟତ ପାଙ୍ଗଲୁଙ୍ଗ ଦେଇ ପ୍ରବାହିତ ପାତାଳୀ ନଦୀର ସୁଡୁବ, ସାରିଆପାଲି ନଦୀଘାଟରୁ ଆନ୍ଧ୍ର ବାଲି ବ୍ୟବସାୟୀ ଟ୍ରକ ଓ ଟ୍ରାକ୍ଟର ଯୋଗେ ବାଲି ଆନ୍ଧ୍ର ଅଞ୍ଚଳକୁ ପ୍ରତ୍ୟେହ ଚାଲାଣ କରୁଥିଲେ। ଏହା ଜାଣିବା ପରେ ପାଙ୍ଗଲୁଙ୍ଗ ସରପଞ୍ଚ ପୂଜା ଖିଲ, ସୁଡୁବ ଓ ବାଙ୍କାପୁଟ ୱାର୍ଡସଭ୍ୟ, ବୁଦ୍ଧିଜୀବୀ ଆକାଶ ଖିଲ, ଆପନା ପାଙ୍ଗି ପ୍ରମୁଖ ସାରିଆପାଲି ନଦୀଘାଟରେ ପହଞ୍ଚି ଗୁରୁବାର ୨ଟି ବାଲି ବୋଝେଇ ଟ୍ରକକୁ ଅଟକାଇ ପାଡୁଆ ପୋଲିସ ଓ ନନ୍ଦପୁର ତହସିଲଦାରଙ୍କୁ ଜଣାଇଥିଲେ। ଦୀର୍ଘ ୩ ଘଣ୍ଟା ଅପେକ୍ଷା କରିବା ପରେ ମଧ ପୋଲିସ କିମ୍ବା ତହସିଲ କର୍ମଚାରୀ ଘଟଣା ସ୍ଥଳକୁ ଆସି ନ ଥିଲେ। ଏହାର ସୁଯୋଗ ନେଇ ଦୁଇ ଟ୍ରକ୍ ଚାଳକ ରାସ୍ତା କଡ଼ରେ ବାଲି ଢ଼ାଳି ଅଟକ ରଖିଥିବା ଲୋକ ପ୍ରତିନିଧିଙ୍କ ଉପରେ ଗାଡ଼ି ମଡାଇଦେବାକୁ ଉଦ୍ୟମ କରିଥିଲେ। ପରେ ଦ୍ରୁତଗତିରେ ଗାଡି ନେଇ ଦୁକାନପେଟା ଦେଇ ଆନ୍ଧ୍ର ଆଡକୁ ଚାଲି ଯାଇଥିଲେ ବୋଲି ଆକାଶ ଓ ଆପନା କହିଛନ୍ତି। ତହସିଲଦାର ନରସିଂହ ଗାଦବାଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ଟ୍ରକ ଦୁଇଟି ଚାଲି ଯାଇଥିଲା। ଦୁଇ ବାଲି ବୋଝେଇ ଗାଡ଼ିର ଫଟୋ ଉଠାଇ ଗାଡ଼ିର ନମ୍ବର ଏପି ୩୧ ଟିଏନ- ୨୭୦୧ ଓ ଏପି ୩୧ ଟିଜି-୯୪୧୩ ଲେଖି ରଖିଛୁ। ଏନେଇ ପାଡୁଆ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଛୁ। ରାମ ନବମୀ ପାଇଁ ପଞ୍ଚାୟତରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି। ଆସନ୍ତାକାଲି ଥାନାରେ ଏତଲା ଦେବୁ ବୋଲି ସରପଞ୍ଚ ପୂଜା କହିଛନ୍ତି। ତେବେ ଖବର ପାଇ ଠିକ୍ ସମୟରେ ପୋଲିସ ଓ ତହସିଲ କର୍ମଚାରୀ ନଦୀଘାଟରେ ପହଞ୍ଚିଥିଲେ ସମ୍ପୃକ୍ତ ଦୁଇଟିଯାକ ଟ୍ରକକୁ ଧରାଯାଇପାରିଥାନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି।

# ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ

ସେମିଳିଗୁଡ଼ା/ସୁନାବେଡ଼ା,୩୦ା୩ (ସ୍ୱ.ପ୍ର)

ସେମିଳିଗୁଡ଼ାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ପାଠାଗାର ପକ୍ଷରୁ ଲକ୍ଷ୍ମଣ ନାୟକଙ୍କ ୭୯ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ପାଠାଗାର ସଭାପତି ଅଜୟ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡ଼ାଲ ମୁଖ୍ୟ ଅତିଥି, ସୁନାବେଡ଼ା ଡିଗ୍ରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଉଷାରାଣୀ ଦାସ ମୁଖ୍ୟ ବକ୍ତା, ପୌରପରିଷଦ ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର, ବରିଷ୍ଠ ନାଗରିକ ସଂଘ ସଭାପତି ବିନୟ ପଟ୍ଟନାୟକ, ଜାତୀୟ ସମ୍ମାନ ପ୍ରାପ୍ତ ଶିକ୍ଷକ ଓମ୍ ପ୍ରକାଶ ମିଶ୍ର ଓ ମମତା ରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପକ ଡ. ଚିତ୍ତରଞ୍ଜନ ମିଶ୍ର, ଅବସରପ୍ରାପ୍ତ ସେନା କର୍ମଚାରୀ ଶରତ ଷଡଙ୍ଗୀ, ଓମ୍ ପ୍ରକାଶ ମିଶ୍ର, ସାମାଜିକ କର୍ମୀ ମମତା ରାୟ, ଆଦିବାସୀ କଳାକାର ସସ୍ମିତା ନାଗ, ସାମାଜିକ କର୍ମୀ ପୀତାମ୍ବର କିର୍ସାନୀ, କରାଟେକା ରୁଦ୍ରାଂଶୁ ସାମଲ ଓ ଆକାଂକ୍ଷା ମହାନ୍ତି ଏବଂ ଘେନୁ ଦେଉଳପାଡ଼ିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ସୁଶାନ୍ତ ପାତ୍ର ଅତିଥି ପରିଚୟ ଦେଇଥିବା ବେଳେ ଉପସଭାପତି ଧନପତି ଇଡ଼ିଙ୍ଗ ଧନ୍ୟବାଦ ଦେଇଥିଲେ। ମେହେର ପ୍ରଧାନ, ଶୁଭାଶିଷ ପଟ୍ଟନାୟକ, ସୁନୀଲ ଦେଉଳପାଡ଼ିଆ, ନାରାୟଣ ରାଉତ, ହରେଶ ମାଛ, ଅଶୋକ ପ୍ରଧାନ, ଅନିଲ ଦେଉଳପାଡ଼ିଆ, ଜଗଦୀଶ୍ ପାତ୍ର, ଅମ୍ରିଶ ମିଶ୍ର ଓ ରାମକୃଷ୍ଣ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ।

### ଶ୍ରୀରାମ ନବମୀ ଅବସରରେ ଅଷ୍ଟପ୍ରହରି, ନାମଯଜ୍ଞ

ଜୟପୁର,୩୦ା୩ (ନି.ପ୍ର.)

ଜୟପୁରଠାରେ ଆନନ୍ଦ ଉଲ୍ଲାସର ସହ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ସକାଳୁ ସକାଳୁ ରାଜାନହର ସ୍ଥିତ ରଘୁନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି ମନ୍ଦିରରେ ୯ ଦିନ ଧରି ପୂଜାପାଠ, ହୋମ ଯଜ୍ଞ ସହ ରାମାୟଣ ପାଠ ହେବ ବୋଲି ମନ୍ଦିରର ମୁଖ୍ୟ ପୁରୋହିତ ବଇଁଶୀଧର ପଣ୍ଡା କହିଛନ୍ତି। ପ୍ରଭୁ ଶ୍ରୀରାମଙ୍କ ଜନ୍ମ ଦିବସ ଅବସରରେ ବିଶେଷ ପୂଜା ଓ ହୋମ ହୋଇଥିଲା। ଜଗନ୍ନାଥ ମନ୍ଦିରରେ ଶ୍ରୀ ହରି ସଂଘ ସେବା ସମିତି ପକ୍ଷରୁ ଅଷ୍ଟପ୍ରହରି ନାମଯଜ୍ଞ ଓ ଅନ୍ନଯଜ୍ଞ ହୋଇଥିଲା ।

# ଗାୟତ୍ରୀ ମନ୍ଦିରରେ ନବରାତ୍ରି ମହାଯଜ୍ଞ ପୂର୍ଣ୍ଣାହୁତି



ମୁନିଗୁଡ଼ା,୩୦ା୩(ଡି.ଏନ୍.ଏ.)

ମୁନିଗୁଡ଼ାର ପବିତ୍ର ଗାୟତ୍ରୀ ପୀଠରେ ନବରାତ୍ର ମହାଯଜ୍ଞର ପୂର୍ଣ୍ଣାହୁତି ଗୁରୁବାର ଶେଷ ହୋଇଛି। ଏହି ଅବସରରେ ଗାୟତ୍ରୀ ମାତାଙ୍କ ପୂଜନ, ବନ୍ଦନ ଓ ହୋମାଦିକର୍ମ ଆଦି ବିଭିନ୍ନ ଉପଚାର ବୈଦିକ ରୀତିନୀତିରେ ହୋଇଥିଲା। ଅନେକ ଗର୍ଭଧାରିଣୀ ମାତାଙ୍କ ଗର୍ଭ ସଂସ୍କାର, ୪୫ କନ୍ୟାଙ୍କ ନବକନ୍ୟା ପୂଜନ,ବନ୍ଦନ କରାଯାଇଥିଲା। ଆଧ୍ୟାତ୍ମିକତା ମଧ୍ୟରେ ଏକାତ୍ମତାର ପରିପ୍ରକାଶ ନବରାତ୍ର ପୂର୍ଣ୍ଣାହୁତିରେ ଦେଖିବାକୁ ମିଳିଥିଲା। ଏଥିରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତ ବଙ୍କିମ ସାହୁ, ସନ୍ତୋଷ ସାହୁ, ସୁରେନ୍ଦ୍ର ମଲ୍ଲିକ, ସୂର୍ଯ୍ୟନାରାୟଣ ଦିବାକା, କରୁଣାକର ସାମଲ, ଭବାନୀ ସାହୁ, ସନ୍ଧ୍ୟାରାଣୀ ମଲ୍ଲିକ,ବନାନୀ ପ୍ରିୟଦର୍ଶିନୀ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ରାମନବମୀରେ ନନ୍ଦପୁରରେ ଶୋଭାଯାତ୍ରା

ନନ୍ଦପୁର, ୩୦ା୩ (ଡି.ଏନ.ଏ.)

ପବିତ୍ର ରାମନବମୀ ଅବସରରେ ନନ୍ଦପୁର ବ୍ଲକ ସଦର ମହକୁମାରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଗଉଡସାହିସ୍ଥିତ ରାମମନ୍ଦିରରେ ପୂଜାର୍ଚ୍ଚନା ସହ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଶିଶୁମନ୍ଦିର ଛାତ୍ରୀଛାତ୍ରୀଙ୍କ ସମେତ କୁନି କୁନି ପିଲାମାନେ ରାମାୟଣର ବିଭିନ୍ନ ଚରିତ୍ରରେ ବେଶ ହୋଇଥିଲେ। ସଂକୀର୍ତ୍ତନ ମଣ୍ଡଳୀ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସଦସ୍ୟଙ୍କ ସହ ମହିଳା ପୁରୁଷମାନେ ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଆୟୋଜକ ପୂଜା କମିଟି ସଭାପତି ତୁଷାର କାନ୍ତ ମହାନ୍ତି, ଲିଙ୍ଗରାଜ ଚୌଧୁରୀ, ଦାଶରଥୀ ବେହେରା, ଲୋକନାଥ ଚୌଧୁରୀ, କେଶବ ଚୌଧୁରୀ, ଶଙ୍କର ପଣ୍ଡାଙ୍କ ସହ ଅନ୍ୟମାନେ ପରିଚାଳନାରେ ସହାୟତା କରିଥିଲେ। ଏସଡିପିଓ ସଞ୍ଜୟ ମହାପାତ୍ର, ଥାନାଧିକାରୀ ପ୍ରଫୁଲ୍ଲ ଲାକ୍ରା ଶୋଭାଯାତ୍ରାରେ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ।



ନନ୍ଦପୁରରେ ଶ୍ରୀରାମଙ୍କ ଫଟୋଚିତ୍ର ଧରି ବାହାରିଥିବା ଶୋଭାଯାତ୍ରା ।

# ଗୁରୁତର ଅବସ୍ଥାରେ ଯୁବତୀ ଉଦ୍ଧାର

ମୁନିଗୁଡ଼ା, ୩୦ା୩(ଡି.ଏନ୍.ଏ.)

ରାୟଗଡା ଜିଲା ମୁନିଗୁଡା ଥାନା ଅଧୀନ ମୁନିଖୋଲସ୍ଥିତ ରେଳ ଲାଇନ ନିକଟରୁ ଗୁରୁତର ଅବସ୍ଥାରେ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ସେ ହେଲେ ମୁନିଗୁଡ଼ାର ଗଦି ବ୍ୟବସାୟୀ ଏମ୍.ଡି ଗାସୁଦିନଙ୍କ ଝିଅ ସାନି ଖାତୁନ। ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଆମ୍ବୁଲାନ୍ସ ଯୋଗେ ଗୁରୁତର ଅବସ୍ଥାରେ ସାନିଙ୍କୁ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା କରିଥିଲେ। ସେ ଗୁରୁତରଥିବାରୁ ସେଠାରୁ ତାଙ୍କୁ ବିଷମକଟକର ଘରୋଇ ମେଡିକାଲକୁ ନେଇଥିଲେ। ସେଠାରୁ ବ୍ରହ୍ମପୁର ନେବାକୁ ଡାକ୍ତର ପରାମର୍ଶ ଦେଇଥିବା ଜଣାପଡିଛି । ତେବେ ସାନି ଟ୍ରେନ ଲାଇନ ଦେଇ କାହିଁକି ଆଉ କେଉଁ ଆଡେ ଯାଉଥିଲେ, କିପରି ଦୁର୍ଘଟଣା ଘଟିଲା ତାହା ସ୍ପଷ୍ଟ ଭାବେ ଜଣାପଡିନଥିବା ବେଳେ ପୋଲିସ ଏହାର ତଦନ୍ତ କରୁଛି।

# ଚଳିତ ବର୍ଷ ୩ସ୍ଥାନରେ ହେବ ବିଷୁବ ମିଳନ ଉତ୍ସବ

ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.),୩୦ା୩

**ବିଷୁବମିଳନ ଉତ୍ସବ ପାଇଁ ଶୁଭଖୁଣ୍ଟି ସ୍ଥାପନ**

କରୋନା ମହାମାରୀ ପାଇଁ ବନ୍ଦ ରହିଥିବା ବିଷୁବ ମିଳନ ଚଳିତ ବର୍ଷ ବେଶ ଧୁମଧାମ୍‌ରେ ହେବ। ଏ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଗତ ବର୍ଷଗୁଡ଼ିକରେ ଦୁଇଟି ସ୍ଥାନରେ ବିଷୁବ ମିଳନ ଉତ୍ସବ ପାଳନ ହେଉଥିବା ବେଳେ ଚଳିତ ଥର କିନ୍ତୁ ୩ଟି ସ୍ଥାନରେ ଏହା ଅନୁଷ୍ଠିତ ହେବ। ଏଥିପାଇଁ ପରିଚାଳନା କମିଟିଗୁଡ଼ିକ ଆୟୋଜନରେ ଲାଗି ପଡ଼ିଛନ୍ତି। ଗୁରୁବାର ଶ୍ରୀରାମ ନବମୀ ଅବସରରେ ଦୁଇଟି ସ୍ଥାନରେ ଶୁଭଖୁଣ୍ଟି ସ୍ଥାପନା କରାଯାଇଛି।

ତେଜସ୍ୱୀ ପଡ଼ିଆରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା ଓ ମଝିଘରିଆଣୀ ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟି ତଥା ବିଷୁବ ମିଳନ ଉତ୍ସବ କମିଟି ଆବାହକ ରାଇସିଂ ବିଡିକା ଶୁଭଖୁଣ୍ଟି ସ୍ଥାପନ କରିଥିଲେ। ଆସନ୍ତା ୧୪ ଓ ୧୫ ତାରିଖ ୨ଦିନ ଧରି ବିଷୁବ ମିଳନ ପାଳନ କରିବାକୁ ଘୋଷଣା କରାଯାଇଛି। ଏଥିରେ ବ୍ଲକ ଅଧକ୍ଷା ଟୁନି ହୁଇକା, ଉପାଧକ୍ଷ ହରପ୍ରସାଦ ହେପୃକା, କାଉନସିଲର ସନ୍ତୋଷ ଦଳାଇ, ଗୋପୀନାଥ ଗୌଡ, ଜିଲା ପରିଷଦ ସଭ୍ୟା ସନ୍ଧ୍ୟା ପୁଲାକା, ପ୍ରଶାନ୍ତ କୁଲେସିକା, ଆଇନଜୀବୀ ସଚ୍ଚିଦାନନ୍ଦ ଖାଡଙ୍ଗା, ନିଳାଞ୍ଚଳ ବିଷୋୟୀ, ବିନାୟକ କର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ମହାବିଷୁବ ମିଳନ କମିଟି ପକ୍ଷରୁ ତେଜସ୍ୱୀ ପଡ଼ିଆରେ ହେଉଥିବା ଉତ୍ସବ ଚଳିତଥର ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପରେ କରାଯିବ। ସେଠାରେ ମଧ ପୂଜାର୍ଚ୍ଚନା ପରେ ଶୁଭଖୁଣ୍ଟି ସ୍ଥାପନା ହୋଇଛି। ଶୁଭଖୁଣ୍ଟି ସ୍ଥାପନା ବେଳେ ଉପଦେଷ୍ଟା ଅନନ୍ତ ପାଢୀ, କାଳୀରାମ ମାଝି, ଯୁବନେତା ଦୋରା କଣ୍ଡାଗରି, ପ୍ରତାପ ପୁଆଲା, ଆଇନଜୀବୀ ବାବୁ ରାଜଗୁରୁ, ଉମାଶଙ୍କର ପାଢ଼ୀ, ଗୋପାଳ ନାୟକ, ଦେବାଶିଷ ପଣ୍ଡା, କାଉନସିଲର ସୁକାନ୍ତ ପରିଡା, ଶାନ୍ତନୁ ସୁବୁଦ୍ଧି ସମେତ ରାଇସିଂ ବିଡିକା ଉପସ୍ଥିତ ଥିଲେ। ଏଣେ ବିଷୁବ ମିଳନ ଉତ୍ସବ ଜିଲା କମିଟି ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୁଧବାର ସନ୍ଧ୍ୟାରେ ସ୍ଥାନୀୟ କୃଷ୍ଣଚନ୍ଦ୍ର ନଗର ଭବନରେ ଚଳିତବର୍ଷ ଉତ୍ସବ ପାଳନ ନେଇ ବୈଠକରେ ଆଲୋଚନା ହୋଇଛି। କମିଟି ପକ୍ଷରୁ ବରିଷ୍ଠ ଆଇନଜୀବୀ ମଦନ ମୋହନ ପାଢୀ, ଖବରଦାତା ରଞ୍ଜନ ରଥ, ବରିଷ୍ଠ ନାଗରିକ ସଂଘ ଉପଦେଷ୍ଟା ସତ୍ୟବାଦୀ ପତି, ଭାଜପା ନେତା ବସନ୍ତ ଉଲାକା ପ୍ରମୁଖ ଉତ୍ସବ ପାଳନ ସହ ପଞ୍ଜିକା ପଠନ ସମ୍ପର୍କରେ ମତ ରଖିଥିଲେ।



ତେଜସ୍ୱୀ ପଡ଼ିଆରେ ଶୁଭଖୁଣ୍ଟି ସ୍ଥାପନା କରାଯାଉଛି।

# ବଞ୍ଚିବାକୁ ସଂଘର୍ଷ, କଅଁଳ କାନ୍ଧରେ ପରିବାର ବୋଝ

ନବରଙ୍ଗପୁର/ନନ୍ଦାହାଣ୍ଡି, ୩୦ା୩(ବି.ପ୍ର./ଡି.ଏନ୍.ଏ.)

- ୪ବର୍ଷ ତଳେ ବାପା, ଗତବର୍ଷ ଚାଲିଗଲେ ମା’
- ଜେଜେମା, ୩ଭଉଣୀଙ୍କ କଥା ବୁଝୁଛନ୍ତି ଆସମାନ



ବୃଦ୍ଧା ଜେଜେମା ଓ ୩ ଭଉଣୀଙ୍କ ସହ ଆସମାନ।

ପାଠପଢ଼ା ବୟସରେ ସଂସାର ବୋଝ। ନିଜେ ପାଠ ପଢ଼ିପାରିଲେ ନାହିଁ, ଅର୍ଥ ଅଭାବରୁ ତିନି ସାନ ଭଉଣୀ ମଧ ପାଠପଢ଼ାରୁ ବଞ୍ଚିତ। ଏଥିସହ ବୁଢୀ ଜେଜେମା’ଙ୍କ ବୋଝ ମଧ ତାଙ୍କରି କାନ୍ଧରେ। ଯାହାପାଇଁ ସେ ଅହରହ ଉଦ୍ୟମ କରି ସଂଘର୍ଷ କରୁଛନ୍ତି ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ବି.ମାଳିଗୁଡା ପଞ୍ଚାୟତ ଟିଳିଗୁଡା ଗାଁର ଗୋଟିଏ ପରିବାର। ବାପା ମାଆ ଛେଉଣ୍ଡ ତିନି ନାବାଳିକା ଭଉଣୀ ଓ ଜେଜେ ମା’ର ପ୍ରତିପୋଷଣଭାର ଜଣେ କୋମଳମତି ବାଳକ ସମ୍ଭାଳିବା ଦୃଶ୍ୟ ସେଠାରେ ଦେଖିବାକୁ ମିଳିଛି।

ଟିଳିଗୁଡ଼ା ଗାଁର ଚନ୍ଦ୍ର ଗୌଡ ଓ ତାଙ୍କ ପତ୍ନୀ ଯମୁନା ଦିନ ମଜୁରିଆଭାବେ କାମ କରି ପରିବାର ଚଳାଉଥିଲେ। ଘରେ ବୃଦ୍ଧା ମା’ ଚମ୍ପାଙ୍କ ସମେତ ପୁଅ ଆସମାନ ଓ ୩ ଝିଅ ଭୁବନେଶ୍ୱରୀ, ସତ୍ୟ ଓ ନିଳିମାଙ୍କୁ ନେଇ ଚନ୍ଦ୍ରଙ୍କ ପରିବାର। ପ୍ରାୟ ୫ବର୍ଷ ତଳେ ଚନ୍ଦ୍ର ଗୌଡ଼ ଟିବି ରୋଗରେ ଆକ୍ରାନ୍ତ ହୋଇଥିଲେ। ୪ବର୍ଷ ତଳେ ଏଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେତେବେଳେ ବଡ଼ପୁଅ ଆସମାନକୁ ମାତ୍ର ୧୫ ବର୍ଷ ହୋଇଥିଲା। ପିଲାମାନେ ବାପା ଛେଉଣ୍ଡ ହୋଇଯିବା ସହ ମାଁ ମଧ ରୋଗାକ୍ରାନ୍ତ ହୋଇଯିବାରୁ ଆସମାନଙ୍କ ପାଠ ପଢ଼ାରେ ଡୋରି ବନ୍ଧା ଯାଇଥିଲା। ରୋଜଗାର କରି ପରିବାର ଚଳାଇବାକୁ ଚିନ୍ତା ପଶିଥିଲା। ମାତ୍ର ୧୫ ବର୍ଷ ବୟସରୁ ସେ ପରିବାର ବୋଝ ମୁଣ୍ଡାଇ ଚାଲିଥିବାବେଳେ ଆର୍ଥିକ ଅନାଟନ ଯୋଗୁ ୩ ଭଉଣୀଙ୍କର ମଧ ପାଠପଢ଼ା ବନ୍ଦ ହୋଇଯାଇଥିଲା। ଏଭଳି ସ୍ଥିତିରେ ଗତବର୍ଷ ଯମୁନାଙ୍କର ମଧ ମୃତ୍ୟୁ ହୋଇଯାଇଥିଲା। ଫଳରେ ୪ ଭଉଣୀ ଭାଇ ମା ବାପା ଛେଉଣ୍ଡ ହୋଇଯାଇଥିଲେ। ଏବେ ଆସମାନଙ୍କ ଉପରେ ୩ ଭଉଣୀ ଓ ବୁଢୀ ଜେଜେମାଙ୍କ ବୋଝ। ସେମାନଙ୍କୁ ସରକାରଙ୍କ ପକ୍ଷରୁ ରାସନ କାର୍ଡ ଯୋଗାଇ ଦିଆଯାଇଥିବାବେଳେ ୨୫ କିଲୋ ଚାଉଳ ପାଉଥିଲେ ମଧ ତାହା ଯଥେଷ୍ଟ ନ ଥିବା ଆସମାନ କହିଛନ୍ତି। ସେହିଭଳି ବୁଢୀ ଜେଜେମାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବାବଦରେ ୫୦୦ ଟଙ୍କା ମିଳୁଥିଲେ ମଧ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ। ଯେଉଁଦିନ କାମ ନ ମିଳେ ସେ ଦିନ ଘରେ ଚୁଲି ଜଳେନାହିଁ ବୋଲି ସେ କହିଛନ୍ତି। ଅନ୍ୟପଟେ ମାଟି ଓ ଚାଳ ଛପର ଘରେ ୫ ପ୍ରାଣୀ ରହୁଛନ୍ତି। ବର୍ଷା ହେଲେ ଘର ଭିତରେ ପାଣି ପଶିଯାଉଥିବାରୁ ବର୍ଷା ଦିନରେ ସେଠାରେ ଥିବା ଅଙ୍ଗନୱାଡି ଗୃହ କିମ୍ବା କ୍ଲବ ଘରେ ରହିବାକୁ ପଡେ। ୩ଭଉଣୀଙ୍କୁ ପାଠ ପଢାଇବାକୁ ଇଚ୍ଛା ଥିଲେ ମଧ ଆର୍ଥିକ ସଙ୍କଟ ଯୋଗୁ ତାହା ସମ୍ଭବ ହେଉନି ବୋଲି ଆସମାନ କହିଛନ୍ତି। ସରକାରଙ୍କ ପକ୍ଷରୁ ସେମାନଙ୍କ ପାଠପଢା ପାଇଁ କିଛି ବନ୍ଦୋବସ୍ତ କରିବାକୁ ସେ ଅନୁରୋଧ କରିଛନ୍ତି। ଖବରପାଇ ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ଟିଳିଗୁଡା ଗ୍ରାମକୁ ଯାଇ ଆସମାନଙ୍କ ପରିବାର ସହ ସାକ୍ଷାତ କରି ସ୍ଥିତି ପରଖିଛନ୍ତି। ସାନ ୩ ଭଉଣୀଙ୍କ ଥଇଥାନ ଓ ଶିକ୍ଷାଦାନ ବ୍ୟବସ୍ଥା ନିମନ୍ତେ ଉଦ୍ୟମ କରିବା ସହ ଆସମାନଙ୍କୁ କାମ ଓ ରହିବା ପାଇଁ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

